ବର୍ଷ-୨୫, ସଂଖ୍ୟା-୨୮୭
ଭୁବନେଶ୍ୱର
୨୯, ଅକ୍ଟୋବର, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 287
Bhubaneswar
29, October, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ଛାଡ଼ପତ୍ର ଆବେଦନ କଲେ ଜୟ-ମାହି



# 'ମୋନ୍ଥା'ର ଲ୍ୟାଣ୍ଡଫଲ୍

ଅମରାବତୀ, ୨୮।୧୦(ମହାଭାରତ): ଭୁବନେଶ୍ୱର: ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ମୋନ୍ଥା ମଙ୍ଗଳବାର-ବୁଧବାର ରାତିରେ ସ୍ଥଳଭାଗରେ ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଶେଷ କରିଛି। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ପ୍ରାୟ ୭ଘଣ୍ଟା ପରେ ଶେଷ ହୋଇଛି ରିପୋର୍ଟ ଲେଖାଯିବା ବେଳକୁ ଆନ୍ଧ୍ରପ୍ରଦେଶର କାକିନାଡ଼ା ଅଞ୍ଚଳର ସମୁଦ୍ର ଉପକୂଳରେ ମଧ୍ୟମରୁ ଅତି ପ୍ରବଳ ବର୍ଷା ଜାରି ରହିଛି। ଆଜି ଆନ୍ଧ୍ରପ୍ରଦେଶ ସହିତ ଓଡ଼ିଶା ଏବଂ ତାମିଲନାଡୁରେ ବର୍ଷାର ପରିମାଣ ବଢ଼ିବାର ଆଶଙ୍କା ଦେଖାଯାଇଛି। ବାତ୍ୟାର ଲ୍ୟାଣ୍ଡଫଲ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ପବନର ବେଗ ଘଣ୍ଟା ପିଛା ପ୍ରାୟ ୧୦୦କିମି ରହିଛି ଉଭୟ ପବନ ଓ ବର୍ଷା ଉଗ୍ରରୂପ ନେଇଛି ବାତ୍ୟା ପ୍ରଭାବରେ ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ତାମିଲନାଡୁରେ ବର୍ଷାର ପରିମାଣ ବଢ଼ିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ବାତ୍ୟା ଯୋଗୁଁ ଗଜପତି, ଗଂଜାମ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ାରେ ସର୍ବାଧିକ କ୍ଷୟକ୍ଷତି ହେବାର ଆଶଙ୍କା କରାଯାଉଛି। ଫଳରେ ଆନ୍ଧ୍ରରେ ବ୍ୟାପକ କ୍ଷୟକ୍ଷତି ଘଟିଛି। କୋନାସିମା ଜିଲ୍ଲାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି।

ବାତ୍ୟା ଲ୍ୟାଣ୍ଡଫଲ କରିବା ପରେ ନାଇଟ୍ କର୍ଫ୍ୟୁ ଲାଗୁ କରାଯାଇଥିଲା।ପ୍ରଭାବିତ ୭ ଜିଲ୍ଲାରେ ରାତ୍ରୀକାଳିନ କର୍ଫ୍ୟୁ ଲାଗୁ କରାଯାଇଥିଲା। ଗାଡି ଚଳାଚଳ ବନ୍ଦ କରାଯାଇଥିଲା। ସମସ୍ତ ଯାତାୟତ ଉପରେ ଲାଗିଲା କଟକଣା, କେବଳ ଜରୁରୀ ସେବା ବ୍ୟତିତ ଅନ୍ୟ ସବୁରେ ଲାଗିଥିଲା। କଟକଣା ବ ଲ୍ୟାଣ୍ଡଫଲ୍ ପକ୍ରିୟା ପବନ ୯୦ରୁ ୧୦୦ କିମି ବେଗରେ ବହୁଛି। ରାତି ୧୨ଟା ସୁଦ୍ଧା ଲ୍ୟାଣ୍ଡଫଲ ପ୍ରକ୍ରିୟା ସରିଥିଲା। ବାତ୍ୟା ପ୍ରଭାବିତ ସାତଟି ଜିଲ୍ଲା - କୃଷ୍ଣା, ଏଲୁରୁ, ପୂର୍ବ ଗୋଦାବରୀ, ପଶ୍ଚିମ ଗୋଦାବରୀ, କାକିନାଡା, ଡକ୍ଟର ବିଆର ଆମ୍ବେଦକର କୋନାସୀମା ଏବଂ ଆଲୁରି ସୀତାରାମ ରାଜୁର କିଛି ଅଂଶରେ ଆଜି ରାତି ସାଢେ ୮ଟାରୁ ଆସନ୍ତାକାଲି ସକାଳ ୬ଟା ଯାଏଁ ନାଇଟ୍ କର୍ଫ୍ୟୁ ସହ ଯାନବାହାନ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଘୋଷଣା କରିଛନ୍ତି।ବାତ୍ୟା ମୋନ୍ଥାର ପ୍ରଭାବ ଏହି ଅଞ୍ଚଳଗୁଡ଼ିକରେ ଗୁରୁତର ପ୍ରଭାବ ପକାଇପାରେ ଜିଲ୍ଲାପାଳ ଏବଂ ଏସପିଙ୍କୁ ଏହି ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ସମେତ ସମସ୍ତ ସଡ଼କରେ ପରିବହନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ଜରୁରୀକାଳୀନ ଚିକିତ୍ସା ସେବାଗୁଡ଼ିକୁ ଏହି କଟକଣାରୁ ମୁକ୍ତ ରଖାଯାଇଛି।ଲୋକଙ୍କୁ ଘର ଭିତରେ ରହିବାକୁ କୁହାଯାଇଛି। ଅନାବଶ୍ୟକ ଯାତ୍ରା ଏଡାଇବାକୁ ଏବଂ ସରକାରୀ ପରାମର୍ଶ ମାନିବାକୁ ଅନୁରୋଧ କରାଯାଇଛି।



ବାତ୍ୟା ପ୍ରଭାବ ଦକ୍ଷିଣ ଓଡ଼ିଶାରେ ଦେଖିବାକୁ ମିଳିଲାଣି। ଗଛ ପଡିବା ନେଇ ୨୨ଟି ଅନୁରୋଧ ମିଳିଛି। ଅଗ୍ନିଶମ ବିଭାଗ ଗଛ କାଟିକି ସଫା କରିଛି। ଗଜପତି ଜିଲ୍ଲା ବିଶେଷ ପ୍ରଭାବିତ ହୋଇଛି । ସେଠାରେ ଗଛ ପଡିବା ସହ ମାଟି ଅତଡା ଖସିଛି। ଗଞ୍ଜାମର କିଛି ଅଂଚଳରେ ବର୍ଷା ଲାଗି ରହିଛି ଓ ଗଛ ପଡିଛି । କାଶୀ ନଗର ଓ ଆର ଉଦୟ ଗିରିରେ ମାଟି ଅତଡା ଖସିଛି ବୋଲି ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ବର୍ଷା ଯୋଗୁଁ ପୁରୀ ଅଂଚଳରେ ପାଣି ପଶିଛି । ଭୁବନେଶ୍ୱରର ୮ଟି ଜାଗାରେ ୱାଟର ପମ୍ପ ନିୟୋଜିତ ରହିଛି । ଅଗ୍ନିଶମ ବିଭାଗର ୧୩୦ଦଳ ବିଭିନ୍ନ ଯାଗାରେ ନିୟୋଜିତ ଅଛନ୍ତି । ବିଭିନ୍ନ ଅଧିକାରୀ ମାନେ ଅନୁଧ୍ୟାନ କରୁଛନ୍ତି। ଭୁବନେଶ୍ୱର ବରମୁଣ୍ଡା ଅଗ୍ନିଶମ ପ୍ରତିଷ୍ଠାନରେ ୨୪ଘଂଟିଆ କଂଟ୍ରୋଲ ରୁମ ଖୋଲା ଯାଇଛି। ୨୪ଟି କଲ ଆସିଥିଲା ସେଥିରୁ ୨୨ରୁ ଅଧିକ ଆମେ କାମ କରି ସାରିଛୁ। ବିଶେଷ କରି ଗଛ ପଡି ରାସ୍ତା ଅବରୋଧ ହେବା, କାହା ଘର ଉପରେ ଗଛ ପଡିବା ଏବଂ ମେଡିକାଲ ସରକାରୀ ଅଫିସ ଉପରେ ଗଛ ପଡିଲେ ସଙ୍ଗେ ସଙ୍ଗେ ଫୋନ କରନ୍ତୁ । ଆମେ ସବୁ ପ୍ରକାର ସେବା ଯୋଗାଇ ଦେବୁ । ସ୍ୱାସ୍ଥ୍ୟ ବିଭାଗ ସହ ଆମେ ସମ୍ପର୍କରେ ଅଛୁ । ଏହାସହ ପର୍ଯ୍ୟଟକ ମାନେ ସମୁଦ୍ରକୁ ନଯିବାକୁ ଅଗ୍ନିଶମ ଡିଜି ଅନୁରୋଧ କରିଛନ୍ତି।

ରାୟଗଡା କାଶିପୁରରେ ରାସ୍ତାରେ ଭାଙ୍ଗି ପଡିଥିବା ବିରାଟ ଗଛ କାଟି ରାସ୍ତା ସଫା ବି କରାଯାଇଛି । ଗୁମ୍ମାରେ ଗଛ ପଡି ଗୁହାଳ ଘର ଭାଙ୍ଗିଯାଇଥିବା ବେଳେ ଆହତ ଗୋରୁ ଗାଈଙ୍କୁ ଉଦ୍ଧାର କରିଛନ୍ତି ଉଦ୍ଧାରକାରୀ ଦଳ । ପାରଳାଖେମୁଣ୍ଡିରେ ବର୍ଷା ପରେ ରାସ୍ତାଧସିବା ସହ ଗଛ ବିଉପୁଡି ପଡିଛି । ଯାହାକୁ କାଟି ସଫା କରିଛନ୍ତି ଉଦ୍ଧାରରେ ଲାଗିଥିବା ଦଳ । ବାତ୍ୟା ପ୍ରଭାବିକ ୮ ଜିଲ୍ଲାରେ ବାତ୍ୟା ପାଇଁ ଯେଉଁଠି ଯେଉଁଠି ବି ଗଛ ଭାଙ୍ଗି ପଡିଛି ସେଠାରେ ତୁରନ୍ତ ଉଦ୍ଧାର କାରୀ ଦଳ ପହଞ୍ଚି ଗଛ କାଟିବା ସହ ରାସ୍ତା ସଫା କରିଛନ୍ତି । ଏପରିସ୍ଥଳରେ ଅନେକ ସ୍ଥାନରେ ବାତ୍ୟା ପ୍ରଭାବରେ ଗଛ ଭାଙ୍ଗିଥିବା ଏବଂ ପଥର ଖସିଥିବା ଦେଖିବାକୁ ମିଳିଛି। ଯାହାକୁ ସଙ୍ଗେସଙ୍ଗେ ସଫା କରିବାରେ ଲାଗି ପଡିଛନ୍ତି ଅଗ୍ନିଶମ କର୍ମଚାରୀ ।ସେପଟେ ବାତ୍ୟା ଏବଂ ଏହାର ମୁକାବିଲା ନେଇ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଶିକ୍ଷାନୁଷ୍ଠାନରେ ପାଣି ପଶିଯିବା, ରାସ୍ତାରେ ଗଛ ପଡ଼ିଯିବା ଭଳି ଯେକୌଣସି ଜରୁରୀକାଳୀନ ସେବା ଯୋଗାଇ ଦେବାକୁ ଅଗ୍ନିଶମ ବାହିନୀ ପ୍ରସ୍ତୁତ ରହିଛି।

## ପୁଣି ଜଳିଗଲା ବସ୍, ୩ ମୃତ

ଜୟପୁର, ୨୮।୧୦(ମହାଭାରତ): ଆଜି ସକାଳେ ଜୟପୁର ଗ୍ରାମୀଣ ଜିଲ୍ଲାର ମନୋହରପୁର ଥାନା ଅଞ୍ଚଳରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ ଲାଇନକୁ ସ୍ପର୍ଶ କରିଛି ଏକ ଘରୋଇ ବସ୍। ଫଳରେ ବସ୍ ଥିବା ୧୨ ଜଣ ଶ୍ରମିକ ପୋଡି ଆହତ ହୋଇଥିଲେ। ଦୁର୍ଘଟଣା ପରେ ବସ୍ ଟିରେ ନିଆଁ ଲାଗି ଯାଇଥିଲା। ଆହତ ଶ୍ରମିକମାନଙ୍କୁ ଶାହପୁରା ଉପ-ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ସେମାନଙ୍କ ମଧ୍ୟରୁ ତିନି ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ କିଛି ଶ୍ରମିକଙ୍କ ଅବସ୍ଥା ଗୁରୁତର ରହିଛି।ଶାହପୁରା (ଜୟପୁର ଗ୍ରାମୀଣ) ସର୍କଲ୍ ଅଧିକାରୀ ମୁକେଶ ଚୌଧୁରୀ କହିଛନ୍ତି ଯେ, ଘଟଣାଟି ଟୋଡି ଗାଁ ନିକଟରେ ଘଟିଛି, ଯେଉଁଠାରେ ଏକ ଘରୋଇ ବସ୍ ଇଟା ଭାଟି ଶ୍ରମିକମାନଙ୍କୁ ପରିବହନ କରୁଥିଲା। ଘଟଣା ସମୟରେ, ବସ୍ ଟି ଉଚ୍ଚ କ୍ଷମତାସମ୍ପନ୍ନ ଲାଇନକୁ ସ୍ପର୍ଶ କରିଥିଲା। ଫଳରେ ବସ୍ ରେ ନିଆଁ ଲାଗି ଯାଇଥିଲା । ବସ୍ ରେ ଥିବା ପ୍ରାୟ ୧୨ ଜଣ ଶ୍ରମିକଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ସେ କହିଛନ୍ତି ଯେ, ଘଟଣା ବିଷୟରେ ସୂଚନା ପାଇବା ପରେ, ସେ ମନୋହରପୁର ଥାନା ପୋଲିସ ସହିତ ବ୍ୟକ୍ତିଗତ ଭାବରେ ଘଟଣାସ୍ଥଳରେ ପହଂଚିଥିଲେ। ବିଦ୍ୟୁତ୍ ଆଘାତରେ ଆହତ ଶ୍ରମିକମାନଙ୍କୁ ଶାହପୁରା ଉପ-ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ତିନି ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ କେତେକ ଶ୍ରମିକଙ୍କ ଅବସ୍ଥା ଗୁରୁତର ରହିଛି।




## ଦୁଇ ମାଓ ସଦସ୍ୟଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୮।୧୦ (ମହାଭାରତ): ସୀମାନ୍ତ ତେଲେଙ୍ଗାନା ପୁଲିସ ନିକଟରେ ମାଓ ସଂଗଠନର ହାର୍ଡକୋର୍ଟ ସେଣ୍ଟ୍ରାଲ କମିଟି ମେମ୍ବର ପୁଲୁରି ପ୍ରସାଦ ରାଓ ଓରଫ ଚନ୍ଦ୍ରନ୍ନା ଓରଫ ସୋମ୍ନାନା ଏବଂ ଷ୍ଟେଟ କମିଟି ମେମ୍ବର ବାଣ୍ଡି ପ୍ରକାଶ ଓରଫ ପ୍ରଭାତ ଆତ୍ମସମର୍ପଣ କରିଛନ୍ତି। ସିସି ମେମ୍ବର ପୁଲୁରି ପ୍ରସାଦ ରାଓ (୬୪)ର ଘର ତେଲେଙ୍ଗାନାରେ ହୋଇଥିବା ବେଳେ ସେ ୪୫ ବର୍ଷ ଧରି ମାଓ ସଂଗଠନ ସହ ଜଡିତ ଥିଲେ। ୧୯୯୮ରେ ସେ କୁରସାଙ୍ଗି ମୁଥିବାଇ ଓରଫ ରାଧିକାକୁ ବିବାହ କରିଥିଲେ। ରାଧିକା ଡିଭିସିଏମ ସଦସ୍ୟ ଥିଲେ। ୨୦୧୩ ମସିହାରେ ରାଧିକା ପୋଲାଭରମ ଅଂଚଳରେ ପୁଲିସ ଦ୍ୱାରା ଗିରଫ ହୋଇଥିଲେ। ୨୦୧୫ରେ ସେ ଜେଲରୁ ମୁକୁଳି ନିଜ ଘରେ ରହୁଛନ୍ତି।

## ୮ମ ବେତନ କମିଶନ ଗଠନକୁ ମଞ୍ଜୁରୀ

ନୂଆଦିଲ୍ଲୀ, ୨୮।୧୦(ପିଆଇବି): କେନ୍ଦ୍ର ସରକାର ମଙ୍ଗଳବାର ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ ଗଠନକୁ ଅନୁମୋଦନ କରିଛି। ଏହି ଆୟୋଗ ତାହାର ଗଠନ ତାରିଖରୁ ୧୮ ମାସ ମଧ୍ୟରେ ନିଜ ସୁପାରିଶ ଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ହୋଇଥିବା କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳୀୟ ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଛି।

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏଠାରେ ଜାତୀୟ ମିଡିଆ କେନ୍ଦ୍ରରେ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରିମଣ୍ଡଳର ନିଷ୍ପତ୍ତି ବିଷୟରେ ସୂଚନା ଦେଇଛନ୍ତି। ବୈଷ୍ଣବ କହିଛନ୍ତି ଯେ ୮ମ ବେତନ ଆୟୋଗ ଏକ ଅସ୍ଥାୟୀ ସଂସ୍ଥା ହେବ। ଏଥିରେ ଜଣେ ଅଧ୍ୟକ୍ଷ, ଜଣେ ସଦସ୍ୟ ଏବଂ ଜଣେ ସଦସ୍ୟ-ସଚିବ ରହିବେ। ସେ ଆହୁରି କହିଛନ୍ତି ଯେ ଏହି ଆୟୋଗ ତାହାର ଗଠନ ତାରିଖରୁ ୧୮ ମାସ ମଧ୍ୟରେ ନିଜ ସୁପାରିଶ ଦେବ।ସରକାର ଜାନୁଆରୀ ମାସରେ କେନ୍ଦ୍ରୀୟ କର୍ମଚାରୀମାନଙ୍କ ବେତନ ଏବଂ ଅନ୍ୟାନ୍ୟ ଲାଭ ସମ୍ବନ୍ଧୀୟ ପରିବର୍ତ୍ତନ ଯାଞ୍ଚ ଓ ସୁପାରିଶ ପାଇଁ ୮ମ ବେତନ ଆୟୋଗ ଗଠନର ଘୋଷଣା କରିଥିଲା। ବେତନ ଆୟୋଗଗୁଡ଼ିକ ନିୟମିତ ଭାବେ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ।ରିଶ୍ରମିକ ଗଠନ, ନେସନ ସୁବିଧା ଏବଂ ଅନ୍ୟାନ୍ୟ ସେବା ସର୍ତ୍ତ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ବିଚାର କରି ଆବଶ୍ୟକ ସଂଶୋଧନ ପାଇଁ ସୁପାରିଶ କରିବା ନିମନ୍ତେ ଗଠିତ ହୁଏ। ସାଧାରଣତଃ ବେତନ ଆୟୋଗର ସୁପାରିଶ ପ୍ରତି ୧୦ ବର୍ଷ ମଧ୍ୟରେ ପ୍ରୟୋଗ କରାଯାଇଥାଏ। ଏହି ଅନୁସାରେ, ୮ମ ବେତନ ଆୟୋଗର ସୁପାରିଶ ଆଗାମୀ ବର୍ଷରୁ ଲାଗୁ ହେବାର ଆଶା ରହିଛି।


## ପୁଅ ମୃତ୍ୟୁ ଖବର ଶୁଣି ମା'ର ମୃତ୍ୟୁ

ଭଦ୍ରକ, ୨୮।୧୦ (ମହାଭାରତ): ଧାମନଗର ବ୍ଲକ ଖଡିପଦା ପଂଚାୟତ କୋରକଦା ଗ୍ରାମର ଶ୍ରୀଧର ତ୍ରିପାଠୀଙ୍କ ପୁଅ ସତ୍ୟରଞ୍ଜନ ତ୍ରିପାଠୀ (୩୫) ଦୀର୍ଘ ଦିନ ହେଲା କିଡନି ରୋଗରେ ପୀଡିତ ଥିଲେ। ମା' ମୀରା ତ୍ରିପାଠୀ ନିଜ କିଡନୀ ଦାନ କରି ପୁଅଙ୍କ ଜୀବନ ବଂଚାଇଥିଲେ। ଦୀର୍ଘ ୨ ବର୍ଷ ଧରି ସେ ସଂଘର୍ଷ କରୁଥିଲେ। ମଙ୍ଗଳବାର ସକାଳେ ସତ୍ୟରଞ୍ଜନ ନିଶ୍ୱାସ ନେବାରେ ଅସୁବିଧା ଅନୁଭବ କରିବାରୁ ଚିକିତ୍ସା ପାଇଁ କଟକକୁ ନେଇଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ପୁଅର ମୃତ୍ୟୁ ଖବର ଶୁଣି ମା' ମୀରା ତ୍ରିପାଠୀଙ୍କ ମୃତ୍ୟୁ ଘଟିଛି। ଉଭୟଙ୍କର ମରଶରୀରକୁ ଶେଷକୃତ୍ୟ ପାଇଁ ପରିବାର ଓ ଗ୍ରାମବାସୀମାନେ ଯାଜପୁର ଜିଲ୍ଲା ବୈତରଣୀ ନଦୀର ଦଶାଶନି ଘାଟରେ ଶେଷକୃତ୍ୟ କରିଛନ୍ତି।

## କଣ୍ଟ୍ରୋଲ୍ ରୁମ୍‌ରେ ରହି ବାତ୍ୟା ନିରୀକ୍ଷଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୧୦(ମହାଭାରତ): ବାତା 'ମୋନ୍ଥା'ର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ପରେ ରାତିରେ ମୁଖ୍ୟମନ୍ତ୍ରୀ ମୋନହ ଚରଣ ମାଝୀ କହିଛନ୍ତି, ବାତ୍ୟା ମୋନ୍ଥା ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ ସଚେତନ ଅଛନ୍ତି। ଆମର ବଡ଼ ଲକ୍ଷ୍ୟ ଶୂନ୍ୟ ମୃତାହତ। ଏହାକୁ ଆମେ ଗୁରୁତ୍ୱ ଦେଉଛେ। ଆମେ ବିଭିନ୍ନ ବିଭାଗକୁ କହିଛୁ କୌଣସି ପ୍ରକାରରେ ଆମେ ଯେପରି ଅସୁବିଧାର ସାମ୍ନା କରିବୁ ନାହିଁ ସେହି ଦିଗରେ କାମ କରିବୁ। ରାଜ୍ୟ ସରକାର ସମାଜର ସବୁ ବର୍ଗର ଲୋକଙ୍କର ସୁରକ୍ଷା ପାଇଁ ପଦକ୍ଷେପ ନେଇଛନ୍ତି। କେବଳ ୮ଟି ଜିଲ୍ଲାରୁ ୨୦୯୮ ଜଣ ଗର୍ଭବତୀଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦରକାର ପଡ଼ିଲେ ଆହୁରି ୬୫୧ ଜଣ ଗର୍ଭବତୀଙ୍କୁ ସ୍ଥାନାନ୍ତର କରାଯିବ।

ମୁଖ୍ୟମନ୍ତ୍ରୀ ଆଜି ବିଳମ୍ବିତ ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ କଣ୍ଟ୍ରୋଲ ରୁମ୍ ପରିଦର୍ଶନ କରି ବାତ୍ୟା ମୋନ୍ଥା ପାଇଁ ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ ପରେ ଗଣମାଧ୍ୟମର ପ୍ରତିନିଧିଙ୍କୁ କହିଛନ୍ତି, ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ବାତ୍ୟା, ବନ୍ୟା ଏବଂ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଆମର ଅଭିଜ୍ଞତା ରହିଛି। ଅତୀତରେ ଏଥି ପାଇଁ ଓଡ଼ିଶାକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା କରାଯାଇଛି। ବାତ୍ୟା ଲ୍ୟାଣ୍ଡଫଲ୍ ହେବାର ଯେଉଁ ସମୟ ଥିଲା, ସେହି ଆଧାରରେ ଆଜି ପୂର୍ବାହ୍ନ ସାଢ଼େ ୧୦ଟାରେ ସମୀକ୍ଷା କରିଥିଲୁ। ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଏସ୍ଆରସି, ଅନ୍ୟ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତି ଥିଲେ ସେହିପରି ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର ଏବଂ ୮ଟି ଜିଲ୍ଲା (ଗଜପତି, ଗଂଜାମ, କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଂଗପୁର, କଳାହାଣ୍ଡି ଓ କନ୍ଧମାଳ)ର ଜିଲ୍ଲାପାଳମାନେ ବୈଠକରେ ଉପସ୍ଥିତ ଥିଲେ ।



ମୁଖ୍ୟମନ୍ତ୍ରୀ କହିଛନ୍ତି, ଆନ୍ଧ୍ରପ୍ରଦେଶର କାକିନାଡା ଠାରୁ ଦକ୍ଷିଣ ଦିଗରେ ଅବସ୍ଥିତ କାମଲାପୁର ପାଖରେ ବାତ୍ୟା ଲ୍ୟାଣ୍ଡଫଲ କରିଛି। ଆଜି ସନ୍ଧ୍ୟା ୭ଟାରୁ ତିନି ଘଣ୍ଟା ହେଲା ଜାରି ରହିଛି। ଆହୁରି ୨ ଘଣ୍ଟା ଏହାର ପ୍ରକ୍ରିୟା ଚାଲିବ। ପବନର ବେଗ ୯୦ରୁ ୧୦୦ କିମି ରହିଛି।ତୃଣମୂଳସ୍ତରରେ ସ୍ଥିତି କଣ ରହିଛି, ତାର ସରଜମିନ ସ୍ଥିତି ଉପରେ ଓସଡମା ନିୟନ୍ତ୍ରଣ କକ୍ଷ ନଜର ରଖିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଆଜି ସନ୍ଧ୍ୟାରେ ଆମେ ଆଇଏମ୍ଡି ଗ୍ରାଫିକ ଚିତ୍ର ଉପରେ ନଜର ପକାଇଛୁ ଯାହା ଆଶା କରାଯାଉଥିଲା, ସେହିଭଳି ପ୍ରଭାବ ଆମର ୮ଟି ଜିଲ୍ଲାରେ ଦେଖାଯାଇ ନାହିଁ। ଗଜପତି ଗୋଟିଏ ଏବଂ ଗଂଜାମର ଗୋଟିଏ ସ୍ଥାନରେ ୧୧୫ମିମି ବର୍ଷା ହୋଇଛି। ଅନ୍ୟସ୍ଥାନରେ ବଡ଼ଧରଣର ବର୍ଷା ହୋଇନାହିଁ। ଲ୍ୟାଣ୍ଡଫଲ ପ୍ରକ୍ରିୟା ମଧ୍ୟରେ ମାଲକାନଗିରିରେ ନାହିଁ। ବଣ୍ଡାଘାଟି ସମେତ ମାଲକାନଗିରି ଜିଲ୍ଲାର ସବୁ ଅଞ୍ଚଳର ରିପୋର୍ଟ ନିଆଯାଉଥିଲା।ରିପୋର୍ଟରୁ ଜଣାପଡ଼ିଛି କେଉଁସି ବଡ଼ଧରଣର ଘଟଣା ଘଟି ନାହିଁ।କିଛି ସ୍ଥାନରେ ପଥର ପଡ଼ିଛି। ଗଜପତିର କାଶୀନଗରରେ ପଥର ଓ ଗଛ ପଡ଼ିଥିଲା।

ସେ କହିଛନ୍ତି, ବିପର୍ଯ୍ୟୟ ମୁକାବିଲା ପାଇଁ ଓଡ୍ରାଫ ଓ ଏନ୍‌ଡିଆରଏଫ ଟିମ୍ ମୁତୟନ ଅଛନ୍ତି ।ଖାଦ୍ୟ, ସ୍ୱାସ୍ଥ୍ୟ, ବ୍ୟାୟା ଆଶ୍ରୟ ସ୍ଥଳୀ ବ୍ୟବସ୍ଥା କରାଯାଇଛି। ୧୭,୮୧୭ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି ।ଆବଶ୍ୟକ ହେଲେ ଆହୁରି ଅଧିକ ଲୋକଙ୍କୁ ସ୍ଥାନାନ୍ତରିତ କରାଯିବାର ଯୋଜନା ଥିଲା ଲ୍ୟାଣ୍ଡଫଲ ସମୟରେ ସ୍ଥିତି ଅନୁଯାୟୀ ଆମେ ପଦକ୍ଷେପ ନେବୁ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଦ୍ୟୁତ, ଆରଡି, କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତି ନେଇ ତୁରନ୍ତ ରିପୋର୍ଟ ପ୍ରଦାନ କରିବେ ଏବେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କିଛି ସମୟ ପୂର୍ବରୁ ସ୍ଥିତି ସଂପର୍କରେ ପଚାରିଥିଲେ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସହିତ ମଧ୍ୟ ରେଳମନ୍ତ୍ରୀ କଥା ହୋଇଥିଲେ। ବଡ଼ଧରଣର କ୍ଷୟକ୍ଷତି ନହେଲେ ବାତିଲ କରାଯାଇଥିବା ଟ୍ରେନ୍‌ଗୁଡ଼ିକର ପରିଚାଳନା ପାଇଁ ବିଚାର କରାଯିବ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଆଜି ଲୋକସେବା ଭବନରେ ବାତ୍ୟା ମୋନ୍ଥାର ମୁକାବିଲା ସମ୍ପର୍କରେ ସମୀକ୍ଷା କରି ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ପ୍ରତ୍ୟେକ ବିପର୍ଯ୍ୟୟରେ ଆମର ଏକମାତ୍ର ଲକ୍ଷ୍ୟ ହେଉଛି ଜିରୋ କାଜୁଆଲ୍‌ଟି । ବାତ୍ୟା ଆନ୍ଧ୍ରପ୍ରଦେଶରେ ଅତିକ୍ରମ କରୁଥିଲେ ମଧ୍ୟ ଓଡିଶାର ବିଭିନ୍ନ ଜିଲ୍ଲାରେ, ବିଶେଷ କରି ଦକ୍ଷିଣ ଓଡିଶାର ଜିଲ୍ଲା ଗୁଡିକରେ ବ୍ୟାପକ ବର୍ଷା ସହିତ ପବନ ହେବାର ମଧ୍ୟ ସମ୍ଭାବନା ରହିଛି।

**ପୀତବାସ ହତ୍ୟା ମାମଲା**

## ଅଭିଯୁକ୍ତଙ୍କୁ ଘରେ ରଖିଥିବା ବ୍ୟକ୍ତି ଗିରଫ

ବ୍ରହ୍ମପୁର, ୨୮।୧୦(ମହାଭାରତ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ ଆଉ ଜଣଙ୍କୁ ଗିରଫ କରିଛି। ସେ ହେଲେ ଖୋଡାସୀଙ୍ଗିର ଶୂନ୍ୟଚନ୍ଦ୍ର ଦାସ ଆଜି ତାଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରାଯାଇଛି। ଅଭିଯୁକ୍ତ ଶୂନ୍ୟଚନ୍ଦ୍ର ବିହାରରୁ ଆସିଥିବା ସାର୍ପ ସୁଟରଙ୍କୁ ନିଜର ଭଡ଼ା ଘରେ ଆଶ୍ରୟ ଦେଇଥିଲେ। ଅଳକାପୁରୀ ଠାରେ ଥିବା ତାଙ୍କର ଅନ୍ୟ ଏକ ଘରେ ଅଭିଯୁକ୍ତମାନେ ୪ ଦିନ ରହିବା ସହ ପୀତବାସଙ୍କ ପିଛା କରିଥିଲେ। ସେହିପରି ହତ୍ୟା ଘଟଣା ଦିନ ଅର୍ଥାତ କୁମାରପୂର୍ଣ୍ଣମୀ ଦିନ ଅଭିଯୁକ୍ତ ଯୋଗୀ ରାଉତ ପୀତବାସଙ୍କୁ ଗୁଳି କରିଥିବା ଅଭିଯୁକ୍ତ କୁରୁପତି ଭୂୟାଁ ଏବଂ ବାଇକ୍ ଚଳାଉଥିବା ଅଭିଯୁକ୍ତ ଚିଣ୍ଟି ପ୍ରଧାନଙ୍କୁ ସାଙ୍ଗରେ ଧରି ଅଳକାପୁରୀ ସ୍ଥିତ ସେହି ଘରକୁ ଯାଇଥିଲେ । ସେଠାରେ ଯୋଗୀ ଉଭୟଙ୍କୁ ୨ ଟି ବନ୍ଧୁକ, ଏକ ନକଲି ନମ୍ବର ବିଶିଷ୍ଟ ବାଇକ୍, ନୂଆ ପ୍ୟାଣ୍ଟ ସାର୍ଟ ଦେଇଥିଲେ। ପ୍ରକାଶଥାଉକି, ଅଭିଯୁକ୍ତ ତଥା କର୍ପୋରେଟର ମଳୟ ବିଷୋୟୀ ବିହାର ରାଜ୍ୟର ଅଭିଯୁକ୍ତଙ୍କୁ ଅଳକାପୁରୀ ସ୍ଥିତ ଭଡା ଘରେ ରଖିବାକୁ ଶୂନ୍ୟଚନ୍ଦ୍ରଙ୍କୁ କହିଥିଲେ। ସେତେବେଳେ ଶୂନ୍ୟଚନ୍ଦ୍ର ବିହାରୀ ଯୁବକଙ୍କ ରହଣୀକୁ ନେଇ ପ୍ରଶ୍ନ ଉଠାଇଥିଲେ ମଧ୍ୟ ମଳୟ ମେଡିକାଲ କାମରେ ଆସିଛନ୍ତି ବୋଲି କହି ବୁଝାଇ

## ଭିଜିଲାନ୍ସ ଜାଲରେ ଏଏସଆଇ

ଜୟପୁର, ୨୮।୧୦ (ମହାଭାରତ): ବିସିଂପୁର ଥାନାରେ ଭିଜିଲାନ୍ସ ଚଢ଼ାଉ କରିଛି। ଲାଞ୍ଚ ନେଉଥିବା ବେଳେ ଏଏସଆଇ ନରସିଂହ ଦୋରାକୁ କାବୁ କରିଛି ଭିଜିଲାନ୍ସ। ଏକ ମାମଲାର ରଫା ଦଫା ପାଇଁ କୁମୁଲିଗ୍ରାମର ଜଣେ ବ୍ୟକ୍ତିଙ୍କ ଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଛନ୍ତି। ଏସଆଇ ନରସିଂହକୁ ଜୟପୁର ଭିଜିଲାନ୍ସ ଅଫିସକୁ ଆଣି ପଚରାଉଚରା କରାଯାଉଛି।

## ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଲୋଭରୁ ଦୂରେଇ ରହିବାକୁ ଚେତାବନୀ

ଭୁବନେଶ୍ୱର, ୨୮।୧୦(ମହାଭାରତ): ଆଜି ଆୟୋଜିତ ଏହି କାର୍ଯ୍ୟକ୍ରମ ଦୁର୍ନୀତି ନିବାରଣ ପାଇଁ କେବଳ ଏକ ପ୍ରତିକାତ୍ମକ କାର୍ଯ୍ୟକ୍ରମ ନୁହେଁ, ଏହା ଦୁର୍ନୀତିଖୋର୍ ଅଧିକାରୀଙ୍କୁ ଏବଂ ଦୁର୍ନୀତିରେ ଲିପ୍ତ ସିଷ୍ଟମକୁ ଦୁର୍ନୀତି ପ୍ରତି ଆମ ସରକାର ଶୂନ୍ୟ ସହନଶୀଳ କଠୋର ବାର୍ତ୍ତା ଦେବା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି।ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଏହି ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯେତେବେଳେ ଦୁର୍ନୀତି ଆମ ବ୍ୟବସ୍ଥାରେ ପ୍ରବେଶ କରେ, ସେତେବେଳେ ସାଧାରଣ ଲୋକଙ୍କର ବିଶ୍ୱାସ ଭାଙ୍ଗି ଯାଇଥାଏ। ଦୁର୍ନୀତି ଆମ ଶାସନର ମୂଳଦୁଆକୁ ଦୁର୍ବଳ କରିଥାଏ। ତେଣୁ, ଦୁର୍ନୀତି ବିରୋଧରେ ଲଢ଼ିବା କେବଳ ଏକ କର୍ତ୍ତବ୍ୟ ନୁହେଁ, ଏହା ଆମ ସମସ୍ତଙ୍କର ଏକ ନୈତିକ ଦାୟିତ୍ୱ। ସେ କହିଥିଲେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱ ଓ ଦୃଢ଼ ଇଚ୍ଛା ଶକ୍ତି ବଳରେ, ଦୁର୍ନୀତି ରୋକିବା ପାଇଁ ଅନେକ ଆଧୁନିକ ଟେକ୍ନୋଲୋଜିର ଉପଯୋଗ କରାଯାଇଛି। ହ୍ୟୁମାନ ଇଣ୍ଟରଫେରେନ୍ସକୁ ଦୂର କରି ଜନଧନ, ଆଧାର ଏବଂ ମୋବାଇଲର ଏକତ୍ରିକରଣରେ ଜାମ୍ ବ୍ୟବସ୍ଥା ହିତାଧିକାରୀଙ୍କ ପାଇଁ କାର୍ଯ୍ୟକାରୀ କରାଯାଇଛି। ଏହି ବ୍ୟବସ୍ଥାରେ ବାଟମାରଣାର ପ୍ରଶ୍ନ ହିଁ ନାହିଁ।

ସେ ପୁଣି କହିଥିଲେ ଦୁର୍ନୀତି ଆମ ସମାଜର ପ୍ରଗତି ଓ ଉନ୍ନତିରେ ବାଧା ସୃଷ୍ଟି କରିଥାଏ । ତେଣୁ, ଆମ ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଛନ୍ତି। ଏହା ଫଳରେ ବିଭିନ୍ନ ଯୋଜନାର ସୁଫଳ ନ୍ୟାୟ ପୂର୍ଣ୍ଣ ଓ ସ୍ୱଚ୍ଛତାର ସହିତ ଉପଯୁକ୍ତ ଲାଭାର୍ଥୀଙ୍କ ପାଖରେ ପହଞ୍ଚାଯାଇ ପାରୁଛି। ଦୁର୍ନୀତିକୁ ରୋକିବା ପାଇଁ ଏକ ସ୍ୱଚ୍ଛ, ପାରଦର୍ଶୀ, ଗତିଶୀଳ ଏବଂ ଅତ୍ୟନ୍ତ ସଚ୍ଚୋଟ ବ୍ୟବସ୍ଥା ଓ ଅଧିକାରୀ ଏକାନ୍ତ ଆବଶ୍ୟକ । ରାଜ୍ୟ ଦୁର୍ନୀତି ନିବାରଣ ବିଭାଗକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଗଠନ ହେବା ପରେ ଦୁର୍ନୀତି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲି । ପୂର୍ବ ବ୍ୟବସ୍ଥାକୁ ପରିବର୍ତ୍ତନ କରି ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଛୋଟରୁ ବଡ ସମସ୍ତ ଦୁର୍ନୀତି ଗ୍ରସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦେଶର ଅଗ୍ରଣୀ ଦୁର୍ନୀତି ବିରୋଧୀ ସଂସ୍ଥା ଭାବେ ସୁନାମ ଅର୍ଜନ କରିଛି। ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପର୍ଯ୍ୟନ୍ତ କାହାରିକୁ ଛଡାଯାଇନାହିଁ। ଏସବୁ ସମ୍ଭବ ହୋଇଛି ଭିଜିଲାନ୍ସ ଅଧିକାରୀ ମାନଙ୍କୁ ସ୍ୱାଧୀନ ଭାବେ କାର୍ଯ୍ୟକରିବାର ଅଧିକାର ପ୍ରଦାନ ଫଳରେ । ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଦଣ୍ଡ ବିଧାନ ହାର ମଧ୍ୟ ୫୦ ପ୍ରତିଶତରୁ ଅଧିକ ରହିଛି। ଦୁର୍ନୀତି ନିବାରଣ ବିଭାଗ ଆଜିର ଦିନରେ କାହାକୁ କ୍ଷମା କରିବ ନାହିଁ ଏବଂ କାହାକୁ ଛାଡିବ ନାହିଁ ବୋଲି ସେ କହିଥିଲେ । ସେ ଆହୁରି କହିଥିଲେ ଶୂନ୍ୟ ସହନଶୀଳ ନୀତିର ଅଂଶ ଭାବରେ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୩୦ ଜଣ ସରକାରୀ କର୍ମଚାରୀଙ୍କୁ ବହିଷ୍କାର କରାଯାଇଛି ଓ ୬୮ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ବନ୍ଦ କରଯାଇଛି। ଏକ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ପ୍ରଶାସନ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ଆମ ସମସ୍ତଙ୍କୁ କାମ କରିବାକୁ ପଡିବ । ଦୁର୍ନୀତି ନିବାରଣ ଆମ ସାମୁହିକ ଦାୟିତ୍ୱ ।




ଏଥିପାଇଁ ଆମେ ସମସ୍ତେ ଦୁର୍ନୀତି ବିରୋଧରେ ଲଢେଇ କରିବା ଆବଶ୍ୟକ । ବିଭିନ୍ନ ସରକାରୀ ବିଭାଗରେ ପ୍ରତିରୋଧକ ସତର୍କତା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସେ କହିଥିଲେ । ଏହାଦ୍ୱାରା ଦୁର୍ନୀତି ହେଉଥିବା ସ୍ଥାନ ଓ ଦୁର୍ନୀତି ଗ୍ରସ୍ତଙ୍କୁ ଚିହ୍ନଟ କରାଯାଇ ଶାସନ ବ୍ୟବସ୍ଥାକୁ ଆହୁରି ସ୍ୱଚ୍ଛ ଓ ପାରଦର୍ଶୀ କରାଯାଇ ପାରିବ ।

ଗତ ୧୬ ମାସ ମଧ୍ୟରେ ଦୁର୍ନୀତି ନିବାରଣ ବିଭାଗକୁ ଅଧିକ ଦକ୍ଷ, ଲୋକାଭିମୁଖୀ ଓ ସୁଦୃଢ଼ କରିବା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଭାଗକୁ ଅଧିକ ଦକ୍ଷ କରିବା ପାଇଁ ଯାହା ଯାହା ଆବଶ୍ୟକ ସବୁ ଯୋଗାଇ ଦିଆଯିବ । ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କୁ ଲୋଭ ଓ ଦୁର୍ନୀତିରୁ ଦୂରେଇ ରହିବା ପାଇଁ ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସଚ୍‌ଚୋଟତା ଓ ସାଧୁତାର ଶପଥ ପାଠ କରାଇଥିଲେ । ଶ୍ରେଷ୍ଠ ଦୁର୍ନୀତି ନିବାରଣ ଡିଭିଜନ ଭାବେ କଟକ ଡିଭିଜନ, ଶ୍ରେଷ୍ଠ ୟୁନିଟ୍ ଭାବେ ସୁବର୍ଣ୍ଣପୁର ୟୁନିଟ୍, ଶ୍ରେଷ୍ଠ ତଦନ୍ତକାରୀ ପୁରୁଷ ଅଧିକାରୀ ଭାବେ ମନୋରଞ୍ଜନ ପାଇକରାୟ, ଶ୍ରେଷ୍ଠ ତଦନ୍ତକାରୀ ମହିଳା ଅଧିକାରୀ ଭାବେ ପ୍ରଣୀତା ରାୟ ଏବଂ ଶ୍ରେଷ୍ଠ ପବ୍ଲିକ ପ୍ରୋସିକ୍ୟୁଟର ଭାବେ ବ୍ରହ୍ମପୁରର ସୁରେନ୍ଦ୍ର ପଣ୍ଡାଙ୍କୁ ପୁରସ୍କୃତ କରିଥିଲେ ।

## ଯାତ୍ରୀଙ୍କ ନିରାପତ୍ତାକୁ ରେଳମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨୮।୧୦(ମହାଭାରତ): ବଙ୍ଗୋପସାଗରରେ ସୃଷ୍ଟ ଭୀଷଣ ବାତ୍ୟା 'ମୋନ୍ଥା' ଦ୍ୱାରା ପୂର୍ବତଟ ରେଳପଥ କ୍ଷେତ୍ର ପ୍ରଭାବିତ ହେବ। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଆଜି ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନଙ୍କ ସହିତ ବାତ୍ୟା ମୁକାବିଲା ସ୍ଥିତି ସମୀକ୍ଷା କରିଛନ୍ତି। ବିଶେଷ କରି ଆନ୍ଧ୍ରପ୍ରଦେଶ, ଓଡିଶା ଏବଂ ତେଲଙ୍ଗାନାରେ ପ୍ରଭାବିତ ହେବାକୁ ଥିବା ରେଳ ଭିତ୍ତିଭୂମିର ସୁରକ୍ଷା ଏବଂ ଯାତ୍ରୀଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଉପରେ ରେଳ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବାତ୍ୟା ପୂର୍ବରୁ ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ବୈଷ୍ଣବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ମନ୍ତ୍ରୀ ଡିଭିଜନସ୍ତରୀୟ ଜରୁରିକାଳୀନ କକ୍ଷକୁ କାର୍ଯ୍ୟକ୍ଷମ କରିବା ସହ ସ୍ଥିତି ଉପରେ ୨୪ ଘଣ୍ଟିଆ ନିରୀକ୍ଷଣ ଲାଗି କହିଛନ୍ତି।



ଆନ୍ଧ୍ରପ୍ରଦେଶର ବିଜୟୱାଡା, ବିଶାଖାପାଟଣା ଏବଂ ଗୁଣ୍ଟୁର ଡିଭିଜନରେ ଜରୁରୀ ଉପକରଣ, ଯନ୍ତ୍ରାଂଶ ଏବଂ ଯଥେଷ୍ଟ ସଂଖ୍ୟାରେ ରେଳ କର୍ମଚାରୀଙ୍କୁ ପୁନରୁଦ୍ଧାର ଲାଗି ପ୍ରସ୍ତୁତ ରଖିବା ପାଇଁ ରେଳମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରୀଙ୍କ ଅସୁବିଧାକୁ ହ୍ରାସ କରିବା ଲାଗି ରେଳ ଚଳାଚଳ ଉପରେ ନଜର ରଖିବା ଏବଂ ଏହାକୁ ସୁବ୍ୟବସ୍ଥିତ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି। ଜରୁରୀକାଳୀନ ପରିସ୍ଥିତି ଏବଂ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନେବା ଲାଗି ପୂର୍ବତଟ, ଦକ୍ଷିଣ ତଟ ଏବଂ ଦକ୍ଷିଣ କେନ୍ଦ୍ରୀୟ ରେଳ ଜୋନ ଅଧିକାରୀମାନଙ୍କୁ ଆବଶ୍ୟକ ସମ୍ବଳ ଯୋଗାଡ ପାଇଁ ରେଳ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ଯେକୌଣସି ପ୍ରକାର ସହାୟତା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ଭୁବନେଶ୍ୱର ପାଇଁ ୮୧୧୪୩୮୨୩୭୧ ଖୋର୍ଦ୍ଧା ରୋଡ୍ ପାଇଁ ୯୬୬୮୯୭୮୭୨୭, ବ୍ରହ୍ମପୁର ପାଇଁ ୯୬୬୮୯୭୮୭୨୫ ଏବଂ ପଲାସା ପାଇଁ ୯୬୬୮୯୭୮୭୨୪ ନମ୍ବରରେ ଯୋଗାଯୋଗ କରାଯାଇପାରିବ।

## ବେସନ ବର୍ଫି

ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାଟି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାଟି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।



ଖବର

# ୩୧ରେ ବଡ଼ ପରଦାକୁ ଆସିବ ଶେହ୍‌ନାଜଙ୍କ 'ଇକ୍ କୁଡ଼ି'




ଶେହନାଜ ଗିଲ୍‌ଙ୍କ ଅପକମିଙ୍ଗ ପଞ୍ଜାବୀ କମେଡି ଡ୍ରାମା 'ଇକ୍ କୁଡ଼ି'ର ଟ୍ରେଲର୍ ରିଲିଜ୍ ହୋଇଛି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଅମରଜିତ ସିଂହ ସରୋଁ। ଫିଲ୍ମର କାହାଣୀ ବ୍ୟବସ୍ଥିତ ବିବାହ ଉପରେ ପର୍ଯ୍ୟବସିତ। ୨ ମିନିଟ୍ ୪୮ ସେକେଣ୍ଡ ଏହି ଟ୍ରେଲର୍ ଦୁଇଟି ଫିର କାହାଣୀ ସହିତ ଆରମ୍ଭ ହୋଇଛି। ସିମ୍ମି ଭୂମିକାରେ ଅଭିନୟ କରିଛନ୍ତି ଶେହନାଜ। ବ୍ୟବସ୍ଥିତ ବିବାହ ଜରିଆରେ ସେ ନିଜର ଜୀବନସାଥୀ ଖୋଜୁଛନ୍ତି। ଚାହୁଁଥିବା ସବୁ ଗୁଣସମ୍ପନ୍ନ ଜଣେ ମଣିଷ ଖୋଜୁ ଖୋଜୁ ସେ ସମାଜର ନିୟମକୁ ଉଲ୍ଲଂଘନ କରିଛନ୍ତି। ଏହା ପରେ କାହାଣୀ ମଜାଦାର ମୋଡ଼ ନେଇଛି। ବର୍ତ୍ତମାନ ସମାଜରେ ଯାହା ଘଟୁଛି, ଫିଲ୍ମରେ ତାହା ପ୍ରଦର୍ଶିତ ହୋଇଛି।ମହିଳାମାନେ ବର୍ତ୍ତମାନ ଯତ୍ନ ନେଉଥିବା, ସାହସୀ ଓ ପ୍ରେମ କରୁଥିବା ସାଥୀ ଖୋଜୁଛନ୍ତି। ଯିଏ ଘର କାମରେ ସାହାଯ୍ୟ କରିବା ସହିତ ପରିବାରକୁ ମଧ୍ୟ ଦେଖୁଥିବ। ଫିଲ୍ମରେ ଭରପୂର ମଜାମସ୍ତି, ଆବେଗ, ରୋମା□ ରହିଛି, ଯାହାକୁ ପରିବାର ସହିତ ଥିଏଟରରେ ଦେଖିବାକୁ ଦର୍ଶକ ପସନ୍ଦ କରିବେ ବୋଲି ଶେହନାଜ ଆଶା କରୁଛନ୍ତି। ଆସନ୍ତା ୩୧ ତାରିଖରେ ଫିଲ୍ମଟି ବିଶ୍ୱସ୍ତରରେ ମୁକ୍ତିଲାଭ କରିବ।

## ବିଷାକ୍ତ ଫୁଲକୁ ଜାଣିପାରେ ପ୍ରଜାପତି



ରଙ୍ଗବେରଙ୍ଗର ପ୍ରଜାପତି ମଧ୍ୟ ବିଷ ତତ୍ତ୍ୱକୁ ସହଜରେ ଚିହ୍ନଟ କରିପାରେ। ଫୁଲରୁ ଫୁଲକୁ ଉଡ଼ି ବସୁଥିବା ଏଇ ପ୍ରଜାପତିର ୬ଟି ଗୋଡ଼ ଥାଏ। ମନୁଷ୍ୟ ଓ ଅନ୍ୟାନ୍ୟ ପ୍ରାଣୀ ଜିଭରେ ସ୍ୱାଦ ଚାଖୁଥିବାବେଳେ ପ୍ରଜାପତି କୀଟଟି ଗୋଡ଼ରେ ସ୍ୱାଦକୁ ଜାଣିପାରେ। ଶୁଣିବାକୁ ବିଚିତ୍ର ଲାଗୁଥିଲେ ମଧ୍ୟ ବିଶେଷଜ୍ଞ ଦଳ ହିଁ ଏହାର ସତ୍ୟତା ପ୍ରମାଣ କରିଛନ୍ତି। ଗୋଡ଼ରେ ଥିବା ସ୍ୱାଦ ସେନ୍ସର୍ ସେମାନଙ୍କର କାମ କରିବା ସହ ବିଷାକ୍ତ ଫୁଲର ପାଖରେ ଉଡ଼ିଲେ ମଧ୍ୟ ଫୁଲର ତତ୍ତ୍ୱ ପ୍ରଜାପତିଟି ସହଜରେ ଜାଣିପାରେ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ବିଶ୍ୱରେ ପ୍ରାୟ ୧ଲକ୍ଷ ୬୫ହଜାର ପ୍ରଜାତିର ପ୍ରଜାପତି ଦେଖାଯାନ୍ତି। କେତୋଟି ପ୍ରମୁଖ ସ୍ଥାନ ଅଛି, ଯେଉଁଠାରେ ଦିନରାତି ସଂଖ୍ୟାଧିକ ପ୍ରଜାପତି ଉଡ଼ିବୁଲୁଥାନ୍ତି।

■ ଦକ୍ଷିଣ ଆମେରିକାର ଏକ ଦେଶ ହେଉଛି କଲମ୍ବିଆ। ସେଠାରେ ଥିବା ଭିକ୍ଟୋରିଆ ବଟରଫ୍ଲାଏ ଗାର୍ଡେନରେ ୭୫ରୁ ଅଧିକ ପ୍ରଜାତିର ପ୍ରଜାପତି ଦେଖାଯାଉଥିବାବେଳେ ପର୍ଯ୍ୟଟକ ମଧ୍ୟ ନିୟମିତ ଆସିଥାନ୍ତି।

■ ଓଣ୍ଟାରିଓର ନାଏଗ୍ରା ଫଲ୍ସ ନିକଟରେ ଥିବା ବଟରଫ୍ଲାଏ ଗାର୍ଡେନରେ ୪୫ ପ୍ରଜାତିର ୨ହଜାର ପ୍ରଜାପତି ଅଛନ୍ତି। ଏକ କାଚ ଘରେ ପ୍ରଜାପତିମାନଙ୍କୁ ରଖାଯାଇଥିବାବେଳେ ପର୍ଯ୍ୟଟକ କାଚ ଝରକାରେ ଦେଖିବାର ବନ୍ଦୋବସ୍ତ ରହିଛି।

# ଘରେ କେଉଁ ବାସ୍ତୁ ଦ୍ରବ୍ୟ ରଖିଲେ ଶାନ୍ତି ମିଳିବ



ଘରେ ସର୍ବଦା ସୁଖଶାନ୍ତି ଭରି ରହିବା ପାଇଁ କିଛି ଉପାୟ ଅବଲମ୍ବନ କରନ୍ତୁ। ଯାହାଦ୍ୱାରା ଘରୁ ବାସ୍ତୁ ଦୋଷ ଦୂର ହୋଇ ପରିବାରରେ ସର୍ବଦା ସୁଖଶାନ୍ତି ଭରି ରହିବ।

ଚାନ୍ଦିର ହାତୀ : ଘରେ ଚାନ୍ଦିର ହାତୀ ରଖନ୍ତୁ। ଏହାଦ୍ୱାରା ଲକ୍ଷ୍ମୀଙ୍କ କୃପା ଦୃଷ୍ଟି ପଡ଼ିବ। ଏହାସହ ଛୋଟ ଚାନ୍ଦିର ହାତୀ ପକେଟ୍‌ରେ ରଖନ୍ତୁ।

ପିତ୍ତଳ ଓ ତମ୍ବା ବାସନ : ପିତ୍ତଳ ବାସନରେ ଖାଇଲେ ଓ ତମ୍ବା ବାସନରେ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟରେ ଉନ୍ନତି ହୋଇଥାଏ। ଘରେ ପିତ୍ତଳ ବାସନ ରଖିବା ଦ୍ୱାରା ସକାରାତ୍ମକ ବାତାବରଣ ସୃଷ୍ଟି ହୋଇଥାଏ।

ମହୁ : କାଚ କିମ୍ବା ମାଟିପାତ୍ରରେ ମହୁ ରଖିଲେ ଘରର ଶାନ୍ତି ବୃଦ୍ଧି ପାଏ।

ଚାନ୍ଦି ଡବା : ଏକ ଚାନ୍ଦି ଡବାରେ ପାଣି ଭରି ଲକରରେ ରଖିଲେ ଧନ ବୃଦ୍ଧି ହୁଏ।

ଚାନ୍ଦି ଓ ସୁନା କଏନ୍ : ଚାନ୍ଦିର କଏନ୍ ଲକରରେ ରଖନ୍ତୁ। ଏକ ହଳଦିଆ କପଡ଼ାରେ ସୁନା କଏନ୍ ବାନ୍ଧି ଲକରରେ ରଖନ୍ତୁ। ଘରେ ଶାନ୍ତି ବୃଦ୍ଧି ହେବ।

ଭଗବାନ ହନୁମାନଙ୍କ ଚିତ୍ର : ଘରର ଦକ୍ଷିଣ କୋଣ କାନ୍ଥରେ ଲଗାନ୍ତୁ। ଏହାକୁ ପ୍ରତିଦିନ ପୂଜା କରନ୍ତୁ।

ହଳଦିଆ ରଙ୍ଗ : ଘରେ ହଳଦିଆ ରଙ୍ଗର ଯେକୌଣସି ବସ୍ତ୍ର ରଖନ୍ତୁ ପରିବାରରେ ଶାନ୍ତି ବୃଦ୍ଧି ପାଇବ।

କଳା ଗୁଡ଼ : ଘରେ କଳା ଗୁଡ଼ ରଖନ୍ତୁ। ବାହାରକୁ ଯିବା ସମୟରେ କିମ୍ବା ପରିବାରର ସମସ୍ତ ସଦସ୍ୟ ଗୁଡ଼ ଖାଆନ୍ତୁ। ଏହାଦ୍ୱାରା ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ।

ତମ୍ବା କଏନ୍ : ଘରେ ତମ୍ବା କଏନ୍ ରଖନ୍ତୁ। ଧଳା କପଡ଼ାରେ ତମ୍ବା କଏନ୍ ବାନ୍ଧି ବେକରେ ଧାରଣ କଲେ ଶୁଭ।


# ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବା କାହିଁକି ଗୁରୁତ୍ୱପୂର୍ଣ୍ଣ



ହିନ୍ଦୁ ଧର୍ମରେ ରହିଛି ଅନେକ ପରମ୍ପରା ଏବଂ ପ୍ରଥା। ବୈଦିକ ଯୁଗରୁ ଆରମ୍ଭ ହୋଇଥିବା ଅନେକ ପ୍ରଥା ଆଜି ମଧ୍ୟ ଭାରତରେ ପ୍ରଚଳିତ ହେଉଛି। ଯେମିତିକି ମନ୍ଦିରରେ ଖାଲି ପାଦରେ ପ୍ରବେଶ କରିବା ଏକ ହିନ୍ଦୁ ପ୍ରଥା। ତଥାପି, ଜାପାନୀମାନଙ୍କ ସମେତ ଅନ୍ୟ ଧର୍ମର ଲୋକମାନେ ମଧ୍ୟ କୌଣସି ପବିତ୍ର ସ୍ଥାନରେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କର ଜୋତା କିମ୍ବା ଚପଲ କାଢ଼ି ଦିଅନ୍ତି। ଏହାର କାରଣ ହେଉଛି ମନ୍ଦିରଗୁଡ଼ିକ ପବିତ୍ର ସ୍ଥାନ ବୋଲି କୁହାଯାଏ। ତେଣୁ ଭକ୍ତମାନେ ସେମାନଙ୍କର ପବିତ୍ରତା ବଜାୟ ରଖିବା ଉଚିତ।ଏହା ବିଶ୍ୱାସ କରାଯାଏ ଯେ ଜୋତା ବିନା ମନ୍ଦିରରେ ପ୍ରବେଶ କରିବା ଦ୍ୱାରା ଆପଣ ଭଗବାନଙ୍କ ସହିତ ସହଜରେ ସଂଯୋଗ ସ୍ଥାପନ କରିପାରିବେ। ଏହା ମଧ୍ୟ ଦେବତାଙ୍କଠାରୁ ଆଶୀର୍ବାଦ ପାଇବାର ଏକ ଉପାୟ। ପୌରାଣିକ କଥା ଅନୁଯାୟୀ, ଚମଡ଼ା ଜୋତା ପିନ୍ଧି ମନ୍ଦିରରେ ପ୍ରବେଶ କରିବା ଦେବତାମାନଙ୍କୁ ଅସମ୍ମାନ କରିବା ସହିତ ସମାନ।ତେଣୁ, ଏହାକୁ ସର୍ବଦା ଏଡାଇବା ଉଚିତ। ଏହି କାରଣରୁ ମନ୍ଦିରରେ ପ୍ରବେଶ କରିବା ସମୟରେ ଲୋକମାନଙ୍କୁ ଚମଡ଼ା ବେଲ୍ଟ ଏବଂ ପର୍ସ କାଢ଼ିବାକୁ କୁହାଯାଏ।ଅଧିକାଂଶ ମନ୍ଦିରର ଚଟାଣରେ ହଳଦୀ, ଚନ୍ଦନ ଏବଂ ସିନ୍ଦୁରର ଲେପ ଦିଆଯାଇଥାଏ। ଆୟୁର୍ବେଦ ଅନୁସାରେ, ଏଗୁଡ଼ିକ ସ୍ୱାସ୍ଥ୍ୟ ବର୍ଦ୍ଧକ ଗୁଣର ଉତ୍ସ। ଯେତେବେଳେ ଆପଣ ମନ୍ଦିର ଚଟାଣରେ ଜୋତା ବିନା ପ୍ରବେଶ କରନ୍ତି, ସେତେବେଳେ ଆପଣ ଏହି ଉପାଦାନଗୁଡ଼ିକର ଲାଭ ପାଇପାରିବେ। ବିଶ୍ୱାସ ଅନୁସାରେ, ମନ୍ଦିର ଏପରି ଏକ ସ୍ଥାନ ଯାହା ମାନସିକ ଶାନ୍ତି ପ୍ରଦାନ କରେ। ତେଣୁ ଯେତେବେଳେ ଆପଣ ମନ୍ଦିରରେ ଖାଲି ପାଦରେ ପ୍ରବେଶ କରନ୍ତି, ସେତେବେଳେ ଆପଣଙ୍କ ପାଦ ଦେଇ ସକାରାତ୍ମକ ଶକ୍ତି ଆପଣଙ୍କ ଶରୀରରେ ପ୍ରବେଶ କରେ।ଏହା ଆପଣଙ୍କ ମନକୁ ଶାନ୍ତ ରଖିବାରେ ସାହାଯ୍ୟ କରେ। ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବାର କିଛି ମହ□ ହେଉଛି ଯେ ଏହା ଏକ ଅତ୍ୟନ୍ତ ପ୍ରାସଙ୍ଗିକ ହିନ୍ଦୁ ପରମ୍ପରା। ମନ୍ଦିରକୁ ଏକ ଅତ୍ୟନ୍ତ ପବିତ୍ର ସ୍ଥାନ ଭାବରେ ବିବେଚନା କରାଯାଏ। ସେଠାରେ ପ୍ରବେଶ କରିବା ଭଗବାନଙ୍କ ଘରେ ପ୍ରବେଶ କରିବା ପରି। ଦେବତାମାନଙ୍କ ପ୍ରତି ସମ୍ମାନ ଏବଂ ଶ୍ରଦ୍ଧା ପ୍ରଦର୍ଶନ କରିବା ପାଇଁ ଏହାକୁ ପାଳନ କରାଯିବା ଉଚିତ। ତଥାପି, ଏହା ପରମ ଚେତନା ବା ବ୍ରହ୍ମଙ୍କ ସହିତ ଆପଣଙ୍କର ସମ୍ପର୍କକୁ ମଧ୍ୟ ସୁଦୃଢ଼ କରିପାରିବ।

## କର୍କଟ ରୋଗରୁ ଦୂରେଇ ରଖିଥାଏ କାଙ୍କଡ

ବର୍ଷା ଦିନରେ କାଙ୍କଡ ମିଳିଥାଏ। ଏହି ପରିବା ସ୍ୱାସ୍ଥ୍ୟ ପାଇଁ ବେଶ ଉପକାରୀ। ବର୍ଷା ଦିନେ ମିଳୁଥିବା ଏହି ପରିବାକୁ ନିଜ ଖାଦ୍ୟରେ ନିଶ୍ଚୟ ସାମିଲ କରନ୍ତୁ। ପୋଷକତତ୍ତ୍ୱ□ରେ ଭରପୁର କାଙ୍କଡ ଶରୀରକୁ ଅନେକ



ରୋଗରୁ ରକ୍ଷା କରିଥାଏ। ଏଥିରେ ଫାଇବର,ଭିଟାମିନ ବି ୬ ଆଦି ପର୍ଯ୍ୟାପ୍ତ ପରିମାଣରେ ରହିଛି। ଜାଣନ୍ତୁ କାଙ୍କଡ ଖାଇଲେ କି କି ଲାଭ ମିଳେ..

କାଙ୍କଡରେ ଭିଟାମିନ ସି ପର୍ଯ୍ୟାପ୍ତ ମାତ୍ରାରେ ରହିଛି। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୂତ କରିବାରେ ସହାୟକ ହୋଇଥାଏ। ଫଳରେ ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ। ଏହି ପରିବାରେ ଫାଇବର, ଭିଟାମିନ୍ ବି୬ ଆଦି ପୋଷକତତ୍ତ୍ୱ ଭରପୁର ମାତ୍ରାରେ ରହିଛି।ଏହି ପରିବାକୁ ନିଜ ଖାଦ୍ୟରେ ସାମିଲ କରିବା ଦ୍ୱାରା ପାଚନ ଜନିତ ସମସ୍ୟା ଦୂର ହୋଇଥାଏ। ଶରୀରରେ କୋଲେଷ୍ଟେରୋଲ୍ ମାତ୍ରା ନିୟନ୍ତ୍ରଣ ହୋଇ ରହିଥାଏ।

କାଙ୍କଡରେ ଆଣ୍ଟି-ଅକ୍ସିଡାଣ୍ଟ ରହିଛି। ଯାହା ତ୍ୱଚାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଏହା ବ୍ରଣ ଓ କୁଞ୍ଚନ ସମସ୍ୟାରୁ ରକ୍ଷା କରିଥାଏ।

ଯେଉଁମାନଙ୍କର ମଧୁମେହ ସମସ୍ୟା ରହିଛି,ସେମାନଙ୍କ ପାଇଁ କାଙ୍କଡ ବେଶ ଉପକାରୀ। ଏଥିରେ ଥିବା ଫାଇବର ରକ୍ତରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣ ରଖିଥାଏ। ମଧୁମେହ ରୋଗୀ ନିଜ ଖାଦ୍ୟରେ କାଙ୍କଡ ନିଶ୍ଚୟ ସାମିଲ କରନ୍ତୁ।

କାଙ୍କଡ ଓଜନ ହ୍ରାସ କରିବାରେ ବେଶ ସହାୟକ ହୋଇଥାଏ। ଏଥିରେ ଥିବା ଫାଇବର ଅଧିକ ସମୟ ଯାଏଁ ପେଟ ଭର୍ତ୍ତି କରି ରଖିଥାଏ। ଫଳରେ ବାରମ୍ବାର ଖାଦ୍ୟ ଖାଇବାକୁ ଇଚ୍ଛା ହୋଇନଥାଏ।

ନିୟମିତ ଭାବେ କାଙ୍କଡ ସେବନ କରିବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱ କର୍କଟ ରୋଗ ହେବାର ସମ୍ଭାବନାକୁ କମ୍ କରିଥାଏ।

ନଗରନକ୍ସା
ମହାନଗରର ନିଜ ଭାଷା



# 'ମୋନ୍ଥା' ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତ

ଭୁବନେଶ୍ୱର,୨୮।୧୦ (ମହାଭାରତ): ବାତ୍ୟା 'ମୋନ୍ଥା'ର ମୁକାବିଲା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଜିଲ୍ଲା ଚିକିତ୍ସାଳୟ, ମେଡ଼ିକାଲ କଲେଜ୍ ଓ ହସପିଟାଲ ଏବଂ ବିଭିନ୍ନ ସ୍ତରରେ ଥିବା ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କର ପ୍ରସ୍ତୁତି ବିଷୟରେ ସୋମବାର ସନ୍ଧ୍ୟାରେ ବିଭାଗୀୟ ଶାସନ ସଚିବ ଅଶ୍ୱତୀ ଏସ. ଭିଡିଓ କନଫରେନସିଂ ମାଧ୍ୟମରେ ସମୀକ୍ଷା କରିଥିଲେ।



ଆସନ୍ନପ୍ରସବା ମହିଳାମାନଙ୍କୁ ମାତୃଗୃହ, ସ୍ୱାସ୍ଥ୍ୟକେନ୍ଦ୍ର ଓ ହସପିଟାଲମାନଙ୍କୁ ସ୍ଥାନାନ୍ତର, ହସପିଟାଲମାନଙ୍କରେ ଡି.ଜି ସେଟ୍, ଇନଭଟର ସ୍ଥାପନ, ଯଥେଷ୍ଟ ପରିମାଣର ଔଷଧ, ସାପ କାମୁଡା ଇଞ୍ଜେକସନ, ସାଲାଇନ ଓ ଓ.ଆ.ଏସ, ହାଲୋଜେନ ବଟିକା, ବ୍ଲିଚିଂ ପାଉଡର ଏବଂ ଅନେକ ଜୀବନ ରକ୍ଷାକାରୀ ଔଷଧ ମହଜୁଦ, ଆମ୍ବୁଲାନ୍ସ ପାଇଁ ଆବଶ୍ୟକୀୟ ଡିଜେଲ ତେଲ, ରୋଗୀମାନଙ୍କ ନିମନ୍ତେ ଆବଶ୍ୟକୀୟ ପଥ୍ୟ ଓ ଶୁଖିଲା ଖାଦ୍ୟ ଆଦିର ଆଗୁଆ ମହଜୁଦ, ଆବଶ୍ୟକୀୟ ମାନବ ସମ୍ବଳ ମୃତୟନ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୁଖ ନିଜ ନିଜ ଅଞ୍ଚଳର ପ୍ରସ୍ତୁତି ବିଷୟରେ ବାସ୍ତବ ସ୍ଥିତି ଜଣାଇଥିଲେ।

ସମୀକ୍ଷାରୁ ଜଣାପଡିଥିଲା ଯେ, ବାତ୍ୟା 'ମୋନ୍ଥା'ରେ ବିଶେଷ ପ୍ରଭାବିତ ହେବାକୁ ଥିବା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କଳାହାଣ୍ଡି, ନବରଙ୍ଗପୁର, କନ୍ଧମାଳ ଆଦି ୮ଟି ଜିଲ୍ଲା ସହ ଅରେଞ୍ଜ ୱାର୍ଣିଂ ଏବଂ ୟେଲୋ ୱାର୍ଣିଂ ଥିବା ଜିଲ୍ଲା ମାନଙ୍କରେ ପ୍ରସ୍ତୁତି ଚୁଡାନ୍ତ ହୋଇଛି। ସମସ୍ତ ଡାକ୍ତର ଫାର୍ମାସିଷ୍ଟ ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଯେ କୌଣସି ସ୍ଥିତିର ମୁକାବିଲା ପାଇଁ ପୂର୍ଣ୍ଣ ସଜାଗ ଓ ସକ୍ରିୟ ଅଛନ୍ତି। ପ୍ରତ୍ୟେକ ଜିଲ୍ଲାରେ ତୁରନ୍ତ ସହାୟତା ନିମନ୍ତେ ରାପିଡ ଆକ୍ସନ ଟିମ୍ ଗଠନ କରାଯାଇଛି ଏବଂ ସେମାନଙ୍କୁ ଗାଡ଼ି, ସରଞ୍ଜାମ ଓ ସହାୟକ ଆଦି ଯୋଗାଇ ଦିଆଯାଇଛି।

ବିଭିନ୍ନ ଜିଲ୍ଲାରେ ୪୫୧୧ ଜଣ ଆସନ୍ନ ପ୍ରସବା ମହିଳାମାନଙ୍କୁ ଚିହ୍ନଟ କରାଯାଇଛି ଏବଂ ସେମାନଙ୍କ ସହ ସ୍ୱାସ୍ଥ୍ୟକର୍ମୀମାନେ ସିଧାସଳଖ ଯୋଗାଯୋଗରେ ଅଛନ୍ତି। ଏମାନଙ୍କ ମଧ୍ୟରେ ରେଡ ୱାର୍ଣିଂଥିବା ୮ଟି ଜିଲ୍ଲାର ୩୮୨୩ ମହିଳା ଅନ୍ତର୍ଭୁକ୍ତ। ତଳୁଆ, ସମ୍ବେଦନଶୀଳ ଏବଂ ଅତ୍ୟଧିକ ବର୍ଷା ହେତୁ ରାସ୍ତା ସଂଯୋଗ ବିଚ୍ଛିନ୍ନ ସମ୍ଭାବନା ଥିବା ସ୍ଥାନ ଗୁଡିକରୁ ଆଜି ସନ୍ଧ୍ୟା ସୁଦ୍ଧା ୧୦୭୩ ଜଣ ମହିଳାଙ୍କୁ ମାତୃଗୃହ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କୁ ସ୍ଥାନାନ୍ତର କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରୁ ଚିହ୍ନିତ ମହିଳାମାନଙ୍କର ଶତ ପ୍ରତିଶତ ସ୍ଥାନାନ୍ତର ନିଶ୍ଚିତ କରିବାକୁ ଶାସନ ସଚିବ ଅଶ୍ୱତୀ ଏସ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନାନ୍ତର ହୋଇଥିବା ମହିଳାମାନଙ୍କ ମଧ୍ୟରୁ ୨୦୨ ଜଣ ନିରାପଦ ମାତୃତ୍ୱ ଲାଭ କରିଛନ୍ତି। ଜିଲ୍ଲା ଜରୁରୀକାଳୀନ ୟୁନିଟ ସହ ବରାବର ଯୋଗାଯୋଗ କରି ଆବଶ୍ୟକୀୟ ସ୍ଥାନମାନଙ୍କରେ ଆଗୁଆ ଆମ୍ବୁଲାନ୍ସ ସବୁ ପ୍ରସ୍ତୁତ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଯେଉଁ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ନିଷ୍ଠାର ସହ ଭଲ କାମ କରୁଛନ୍ତି ସେମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ବିଷୟରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟମାନଙ୍କୁ ଜଣାଇବା ପାଇଁ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।ସ୍ୱତନ୍ତ୍ର ଶାସନ ସଚିବ ଡ଼ାକ୍ତର ବିଜୟ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ରଙ୍କ ସମେତ ବିଭିନ୍ନ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଏମ୍‌ସିର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

ଭୁବନେଶ୍ୱର,୨୮।୧୦ (ମହାଭାରତ): ସମ୍ଭାବ୍ୟ ବାତ୍ୟା 'ମନ୍ଥା'କୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତଙ୍କର ଛୁଟି ବାତିଲ କରାଯାଇଛି। କୌଣସି ଅଧିକାରୀ କିମ୍ବା କର୍ମଚାରୀ ବିନା ଅନୁମତିରେ ହେଡ୍ କ୍ୱାର୍ଟର ନ ଛାଡିବା ପାଇଁ କଡାକଡି ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟା ସମୟରେ ସହରର ପରିମଳ ବ୍ୟବସ୍ଥା ଯେପରି ସୂଚାରୁ ଭାବେ ଏବଂ ସୁରୁଖୁରୁରେ ହୋଇପାରିବ ସେଥିପାଇଁ ଏଜେନ୍ସି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ଆବଶ୍ୟକ ଲୋକବଳ, ଗାଡି, ଯନ୍ତ୍ରପାତି ଆଦି ଆବଶ୍ୟକୀୟ ଉପକରଣ ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି। ଡୋର୍ ଟୁ ଡୋର୍ ବର୍ଜ୍ୟ ସଂଗ୍ରହରେ ଯେପରି କୌଣସି ବାଧା ସୃଷ୍ଟି ନହୁଏ, ସେଥିପ୍ରତି ମଧ୍ୟ ସତର୍କ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀନ୍ ଗାର୍ବେଜ ଓ ଗୃହ ଭଗ୍ନାବଶେଷ ଉଠାଇବା ପାଇଁ ଆବଶ୍ୟକ ଗାଡି ମଧ୍ୟ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଡ୍ରେନଗୁଡିକରେ ବର୍ଷା ଜଳ ଯେପରି ବିନା ବାଧାରେ ଯାଇପାରିବ, ସେଥିପାଇଁ ଡ୍ରେନରୁ ପଙ୍କୋଦ୍ଧାର, ଜାମ୍ କିମ୍ବା ବନ୍ଦ ହୋଇଗଲେ, ତାହାକୁ ତୁରନ୍ତ ସଫା କରିବା ପାଇଁ ଆବଶ୍ୟକ ଲୋକବଳ, ମେସିନ, ରାଟ୍ ଟିମ୍, ଗାଡି ଆଦି ପ୍ରସ୍ତୁତ ରହିବା ସହ ଘାସ ଓ ଗଛ ଡାଳ କାଟିବା ପାଇଁ ଆବଶ୍ୟକ କଟର, ଲୋକ ଓ ଗାଡି ମଧ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ସେଠାରେ ପ୍ରତ୍ୟେକ ଏଜେନ୍ସି ଓ ସ୍ୱେଚ୍ଛାସେବୀ ସଂଗଠନ ନିଜ ନିଜର କର୍ମଚାରୀଙ୍କୁ ଅଭିଯୋଗ ଗ୍ରହଣ କରିବା ପାଇଁ ନିୟୋଜିତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଯଦିଓ ଆମ ସହର ୟେଲୋ ଜୋନ୍ ରେ ବର୍ତ୍ତମାନ ପାଇଁ ଅଛି ଏବଂ କାଲିକୁ ଅଧିକ ବୃଷ୍ଟିପାତ ସମ୍ଭାବନା ଅଛି ; ତେଣୁ ବି ଏମ୍ ସି ସଂଯୁକ୍ତ ବିଭାଗୀୟ ଟିମ୍‌କୁ ନେଇ ସମସ୍ତ ପ୍ରସ୍ତୁତି କରାଯାଇଛି ବୋଲି କହିଛନ୍ତି କମିଶନର ଚଞ୍ଚଳ ରାଣା। ବିଭିନ୍ନ ପ୍ରସ୍ତୁତି ମଧ୍ୟରେ, ଅସ୍ଥାୟୀ ଆଶ୍ରୟ ସ୍ଥଳୀ ଯାହାକି ସ୍କୁଲ, କମ୍ୟୁନିଟି ସେଣ୍ଟର ଇତ୍ୟାଦିକୁ ପ୍ରସ୍ତୁତିରେ ରଖାଯାଇଛି। ତେବେ ଏଥିପାଇଁ ଭୟଭୀତ ନହେବାକୁ ଭୁବନେଶ୍ୱର ବାସୀଙ୍କୁ ନିବେଦନ କରିଛନ୍ତି କମିଶନର। ନାଗରିକମାନେ ୧୯୨୯ କଣ୍ଟ୍ରୋଲ ରୁମକୁ (୨୪ ଘଂଟା) ଫୋନ କରିବେ ଏବଂ ଆମ କର୍ପୋରେଟର୍ ମାନଙ୍କୁ, ୱାର୍ଡ ଅଫିସରଙ୍କୁ ମଧ୍ୟ ଫୋନ କରି ଜଣାଇପାରିବେ ବୋଲି ସେ କହିଛନ୍ତି। ଜଳ ନିଷ୍କାସନ ପାଇଁ ଫ୍ୟାୟର ଏବଂ ବିଏମ୍‌ସି ପମ୍ପ୍‌କୁ ପ୍ରସ୍ତୁତିରେ ରଖାଯାଇଛି। ପରିମଳ ଜନିତ ଅଭିଯୋଗ ଶୁଣିବା ମାତ୍ରେ, ତୁରନ୍ତ ସମସ୍ୟାର ସମାଧାନ ହୋଇପାରିବ।

# ନିର୍ମାଣ ନିଗମ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ବୈଠକ




ଭୁବନେଶ୍ୱର,୨୮।୧୦ (ମହାଭାରତ): ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳ ସଂପଦ ବିଭାଗ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ନିର୍ମାଣ ନିଗମ ଲି଼(ଓସିସିଏଲ)ର ୨୯୨ ତମ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି।

ବୈଠକରୁ ଜଣାଯାଇଛି ଯେ, ଓସିସିଏଲ ଜରିଆରେ କାର୍ଯ୍ୟକାରୀ ହେଉଥିବା ୩୬୭୩ କୋଟିର ବିଭିନ୍ନ ପ୍ରକଳ୍ପ ନିର୍ମାଣାଧିନ ରହିଛି। ତନ୍ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀପାଳନ, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା, ପର୍ଯ୍ୟଟନ ଓ ଅନ୍ୟାନ୍ୟ ବିଭାଗର ୮୬ କୋଟିର ଯାନ୍ତ୍ରିକ (ମେକାନିକାଲ) କାର୍ଯ୍ୟ ଅନ୍ତର୍ଭୁକ୍ତ ଅଛି। ପର୍ଯ୍ୟଟନ ଅଧିନରେ ହୀରାକୁଦ ଜଳଭଣ୍ଡାର ଅଞ୍ଚଳ ଏବଂ ତାହାର ପାରିପାର୍ଶ୍ୱିକ ବିକାଶ ପାଇଁ ଇଣ୍ଟିଗ୍ରେଟେଡ୍ ଡେଭେଲପମେଣ୍ଟ (ସମନ୍ୱିତ ବିକାଶ) ଏବଂ ମାଷ୍ଟର୍ ପ୍ଲାନର ଉନ୍ନତି କରଣ କରାଯାଇ ଲାଇଟ ଏବଂ ସାଉଣ୍ଡ ସିମ୍ଫୋନି, ଆରାଇଭାଲ୍ ପ୍ଲାଜା ଏବଂ ଡ୍ୟାମ୍ ମ୍ୟୁଜିୟମ୍ ଆଦି କାର୍ଯ୍ୟ ଓସିସିଏଲ ଦ୍ୱାରା ୧୦୦ କୋଟିରୁ ଅଧିକ ମୂଲ୍ୟରେ କରାଯିବ। କୁଶଭଦ୍ର ଅନ୍ତଃନଦୀ ଜଳାଶୟ(ଆଇଏସଏସ୍) ଜୁନ ୨୦୨୬ ମଧ୍ୟରେ ସମ୍ପୂର୍ଣ୍ଣ ହେବ ଏବଂ କୁଆଖାଇ ଆଇଏସ୍‌ଏସ୍ ଡିସେମ୍ବର ୨୦୨୬ ସୁଦ୍ଧା ଶେଷ ହେବ। କୁଆଖାଇ ଓ କୁଶଭଦ୍ରା ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ସଂପୂର୍ଣ୍ଣ ହେଲେ ଭୁବନେଶ୍ୱର ନିକଟସ୍ଥ ଅଂଚଳରେ ଏକ ସୁନ୍ଦର ନଦୀପାର୍ଶ୍ୱ ଅଞ୍ଚଳ ବିକଶିତ ହେବ, ଯାହା ନଗରର ସୌନ୍ଦର୍ଯ୍ୟ ଏବଂ ପର୍ଯ୍ୟଟନ ଆକର୍ଷଣକୁ ବୃଦ୍ଧି କରିବ। ଏହି ଦୁଇ ଆଇଏସଏସ୍ ନିର୍ମାଣ ଫଳରେ ମୃତପ୍ରାୟ ପ୍ରାଚୀ ନଦୀ ପୁନଃଜୀବିତ ହେବ। ବୈଠକରୁ ଆହୁରି ମଧ୍ୟ ଜଣାଯାଇଛି ଯେ, କାନୁପୁର ଡ୍ୟାମର ନିର୍ମାଣ ଶେଷ ହୋଇସାରିଛି ଏବଂ ସ୍ପିଲୱେ କାର୍ଯ୍ୟ ଅଗ୍ରଗତି ଘଟିଛି ଯାହାକି ଆଗାମୀ ଡିସେମ୍ବର ୨୦୨୫ ମଧ୍ୟରେ ସଂପୂର୍ଣ୍ଣ ହେବ। ଏହା ବୈତରଣୀ ନଦୀରେ ବନ୍ୟା ନିୟନ୍ତ୍ରଣ କରିବାରେ ସକ୍ଷମ ହେବ ଏବଂ କେନ୍ଦୁଝର ଜିଲ୍ଲାର ୩୦,୦୦୦ ହେକ୍ଟର ଅଞ୍ଚଳକୁ କୃଷି ପାଇଁ ଜଳସେଚନ ସୁବିଧା ପ୍ରଦାନ କରିବ।

# ପୁରୀ-ଖୋର୍ଦ୍ଧା ରୋଡ୍ ମେମୁ ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରିତ

ଭୁବନେଶ୍ୱର,୨୮।୧୦ (ମହାଭାରତ): କାର୍ତିକ ପୂର୍ଣ୍ଣିମା ପର୍ବ ସମୟରେ ଅଧିକ ଯାତ୍ରୀ ସମ୍ଭାବନାକୁ ଦୃଷ୍ଟିରେ ରଖି, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଯାତ୍ରୀମାନଙ୍କ ସୁବିଧା ପାଇଁ ୬୮୪୦୪/୬୮୪୦୩ ପୁରୀ-ଖୋର୍ଦ୍ଧା ରୋଡ୍-ପୁରୀ ମେମୁକୁ ସାମୟିକ ଭାବେ ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ନିଷ୍ପତି ନେଇଛି। ତଦନୁସାରେ, ୨୬ ଅକ୍ଟୋବରରୁ ୫ ନଭେମ୍ବର ପର୍ଯ୍ୟନ୍ତ ପୁରୀରୁ ଛାଡିଥିବା ଟ୍ରେନ ନମ୍ବର ୬୮୪୦୪ ପୁରୀ-ଖୋର୍ଦ୍ଧା ରୋଡ୍ ମେମୁକୁ ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଅଛି। ପୁରୀରୁ ଛାଡିଥିବା ଏହି ଟ୍ରେନ ଖୋର୍ଦ୍ଧା ରୋଡ଼ ଠାରେ ପହଁଚିବା ପରେ ରାତ୍ରୀ ୧୨ଘ.୩୫ମି.ରେ ଦଶପଲ୍ଲା ଯାତ୍ରା କରିବ। ଟ୍ରେନ ନମ୍ବର ୬୮୪୦୩ ଖୋର୍ଦ୍ଧା ରୋଡ୍-ପୁରୀ ମେମୁ ୨୭ ଅକ୍ଟୋବରରୁ ୬ ନଭେମ୍ବର ପର୍ଯ୍ୟନ୍ତ ଦଶପଲ୍ଲାରୁ ଠାରୁ ଭୋର ୩ଘ.୩୦ମି.ରେ ଏହାର ଯାତ୍ରା ଆରମ୍ଭ କରି ପୁରୀ ଅଭିମୁଖେ ଚଳାଚଳ କରିବ। କାର୍ତ୍ତିକ ପୂର୍ଣ୍ଣିମା ସମୟରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ଏହି ଅସ୍ଥାୟୀ ସମ୍ପ୍ରସାରଣ ଯୋଜନା କରାଯାଇଛି। ଏହି ପାର୍ବଣ ଋତୁରେ ଯାତ୍ରୀଙ୍କ ସୁଗମ ଯାତାୟାତ ଏବଂ ଯାତ୍ରା ଚାହିଦାକୁ ତର୍ଜମା କରାଯାଇ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ଜନସାଧାରଣଙ୍କ ପାଇଁ ଉତମ ସଂଯୋଗ ଏବଂ ଯାତ୍ରା ସୁବିଧା ସୁନିଶ୍ଚିତ କରିବା ପାଇଁ ଏହି ସକ୍ରିୟ ପଦକ୍ଷେପ ନେଇଛି।

# ୩୧ ଯାଏଁ କୃଷି ଅଧିକାରୀଙ୍କ ଛୁଟି ବାତିଲ



ଭୁବନେଶ୍ୱର,୨୮।୧୦ (ମହାଭାରତ): ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି କୃଷି ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୩୧ ତାରିଖ ଯାଏଁ କୌଣସି କୃଷି ଅଧିକାରୀ ଛୁଟି ନେଇପାରିବେ ନାହିଁ ବୋଲି ବିଭାଗୀୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅବମାନନା କ୍ଷେତ୍ରରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇପାରେ। ଏହାବ୍ୟତୀତ, କୃଷି ବିଭାଗ ଦ୍ୱାରା ଜାରୀ ହୋଇଥିବା ପରାମର୍ଶକୁ ଚାଷୀଙ୍କ ନିକଟକୁ ସମସ୍ତ ପ୍ରକାର ମାଧ୍ୟମରେ ପହଞ୍ଚାଇବା ଜରୁରୀ। ଯଥା ଅମଳ ସରିଥିବା ଫସଲକୁ ଉଚ୍ଚ ତଥା ସୁରକ୍ଷିତ ସ୍ଥାନରେ ଘୋଡ଼ାଇ ରଖିବା, ଜମିରୁ ଜଳ ନିଷ୍କାସନ ଇତ୍ୟାଦି। ବାତ୍ୟା ପରବର୍ତ୍ତୀ ପଦକ୍ଷେପ ଅନୁଯାୟୀ, ଜମିରୁ ପାଣି ଛାଡ଼ିଗଲା ମାତ୍ରେ, କୃଷି ଅଧିକାରୀମାନେ ତୁରନ୍ତ ବିଲକୁ ଯାଇ ଫସଲ କ୍ଷୟକ୍ଷତିର ଆକଳନ କରିବେ। ଉପମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓଙ୍କ ନିର୍ଦ୍ଦେଶ ଅନୁଯାୟୀ, ଫସଲ କ୍ଷୟକ୍ଷତି ଆକଳନରେ କୌଣସି ବି କ୍ଷତିଗ୍ରସ୍ତଚାଷୀ ବାଦ ନ ପଡ଼ିବା ଆବଶ୍ୟକ। ତଥ୍ୟ ଅନୁଯାୟୀ, ରାଜ୍ୟରେ ୧୪.୧୭ ଲକ୍ଷ ହେକ୍ଟର ଚାଷଜମି ବୀମାଭୁକ୍ତ ଅଟେ। ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଅନୁବନ୍ଧିତ ଚାଷୀ ଇନ୍ସୁରାନ୍ସ ବାବଦରେ ଏନସିଆଇପି ପୋର୍ଟାଲରେ ଆବେଦନ କରିପାରିବେ।

# ମୁମ୍ବାଇ ଗସ୍ତରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

ଭୁବନେଶ୍ୱର,୨୮।୧୦ (ମହାଭାରତ): ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ସୋମବାର ଦୁଇ ଦିନିଆ ମୁମ୍ବାଇ ଗସ୍ତ କରିଛନ୍ତି। ମୁମ୍ବାଇର ଗୋରେଗାଁସ୍ଥିତ ବମ୍ବେ ପ୍ରଦର୍ଶନୀ କେନ୍ଦ୍ର ଠାରେ ଆୟୋଜିତ ଭାରତୀୟ ନୌବାଣିଜ୍ୟ ସପ୍ତାହ-୨୦୨୫ ପାଳନରେ ସେ ଆସନ୍ତକାଲି ଯୋଗଦେବେ। ଭାରତୀୟ ନୌବାଣିଜ୍ୟରେ ଓଡ଼ିଶାର ସ୍ୱର୍ଣ୍ଣିଭ ଯୋଗଦାନ ଓ ଏହାର ଐତିହ୍ୟ ସମ୍ପର୍କିତ ସନ୍ଦର୍ଭ ଉପରେ ଅଭିଭାଷଣ ରଖିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳ ସଂଯୋଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ଶାନ୍ତନୁ ଠାକୁର, ଗବେଷକ, ବିଭିନ୍ନ ରାଜ୍ୟର ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଆମର ପାରମ୍ପରିକ ନୌବାଣିଜ୍ୟ ଐତିହ୍ୟ, ଆଧୁନିକ ନୌବାଣିଜ୍ୟ, ବନ୍ଦର ସୁଦୃଢ଼ୀକରଣ, ଜାହାଜ ପରିଚାଳନା, ନୂତନ ଜ୍ଞାନ କୌଶଳ ଓ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ, ମାନବ ସମ୍ବଳର ଉପଯୋଗୀତା ଉପରେ ସାରଗର୍ଭକ ଆଲୋଚନା ହେବ।

# କାଶୀରେ ଛଠ୍ ପର୍ବ ପାଳିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୮।୧୦ (ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ବାବା ବିଶ୍ୱନାଥଙ୍କ ନଗରୀ କାଶୀରେ ଛଠ୍ ପର୍ବ ଅବସରରେ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରିବା ସହ ଦେଶବାସୀଙ୍କୁ ଏହି ପର୍ବର ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ସୂର୍ଯ୍ୟ ଉପାସନାର ମହାପର୍ବ ହେଉଛି ଛଠ୍। ସମସ୍ତ ବିହାରବାସୀ ଏବଂ ଦେଶବାସୀଙ୍କୁ ଏହି ଦିବସର ଅଭିନନ୍ଦନ।

# ଲୋକସେବା ଭବନରେ ଦୁର୍ନୀତି ନିବାରଣ ଶପଥ ପାଠ



ଭୁବନେଶ୍ୱର,୨୮।୧୦ (ମହାଭାରତ): ଲୋକସେବା ଭବନରେ ସୋମବାର ଦିନ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ୨ୟ ମହଲା ପ୍ରାଙ୍ଗଣରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ଯୋଜନା ଓ ସଂଯୋଜନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଶପଥ ପାଠ କରିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସାଧୁତାର ଶପଥପାଠ କରାଇଥିଲେ।

# କୋମନା ବ୍ଲକରେ ବିଜେପିର ପ୍ରଚାର ଅଭିଯାନ

ଭୁବନେଶ୍ୱର,୨୮।୧୦ (ମହାଭାରତ): ନୂଆପଡା ବିଧାନସଭା ଉପ ନିର୍ବାଚନରେ ପ୍ରାର୍ଥୀ ଓ ତାଙ୍କର ସମର୍ଥକ ବିଧାନସଭା ଅଞ୍ଚଳର ବିଭିନ୍ନ ସ୍ଥାନକୁ ଯାଇ ଭିନ୍ନ ଭିନ୍ନ ଢଙ୍ଗରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ସମର୍ଥନରେ ନିର୍ବାଚନ ପ୍ରଚାର କରୁଛନ୍ତି। ଏହି ମର୍ମରେ ଆଜି କୋମନା ବ୍ଲକ ପଏଁର ପଞ୍ଚାୟତ ମହୁଲଭଟା ଗାଁରେ ଏକ ବିଶାଳ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି।



ଏଥିରେ ଓଡିଶା ସରକାରଙ୍କ ମତ୍ସ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଯୋଗଦେଇ ଥିଲେ। ପଏଁର ପଞ୍ଚାୟତର ବିଭିନ୍ନ ଗାଁରୁ ଆଦିବାସୀ ସମ୍ପ୍ରଦାୟର ଲୋକ ଆସି ବିଜେପିରେ ଯୋଗଦାନ କରିଥିଲେ। ମଞ୍ଚାସୀନ ନେତୃ ମଣ୍ଡଳୀ ତାଙ୍କ ଉଦବୋଧନରେ କେନ୍ଦ୍ରର ମୋଦୀ ସରକାର ଓ ରାଜ୍ୟର ମୋହନ ମାଝୀ ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରି ଓ ଲୋକାଭିମୁଖୀ ଯୋଜନା ଗୁଡିକ ବିଷୟରେ ଲୋକଙ୍କୁ ଅବଗତ କରାଇ ଥିଲେ। ଡବଲ ଇଞ୍ଜିନ ସରକାରର ସୁଫଳ ପାଇବା ପାଇଁ ଓ ନୂଆପଡାକୁ ଏକ ବିକଶିତ ଜିଲ୍ଲା ଭାବେ ପରିଣତ କରିବା ପାଇଁ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଙ୍କୁ ନିର୍ବାଚିତ କରିବା ପାଇଁ ଭୋଟ ଭିକ୍ଷା କରିଥିଲେ। ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁରାମ ମାଛ, ପୂର୍ବତନ ଜିଲ୍ଲା ସଭାପତି ଶିବ ପ୍ରସାଦ ମୁଣ୍ଡ, ମଣ୍ଡଳ ସଭାପତି ଶତ୍ରୁଘନ ସ୍ୱାଇଁ, ବିଜେପି ନେତା ସୋମନାଥ ଖମାରି, ପୂର୍ବତନ ଖଡ଼ିଆଳ ବ୍ଲକ ଚେୟାରମ୍ୟାନ ବାଳକୃଷ୍ଣ ଶବର ପ୍ରମୁଖ ଉପସ୍ଥିତ ଥିଲେ।

ଆଜି ଖରିଆର୍ ରୋଡ଼ ସ୍ଥିତ ଅଗ୍ରସେନ ଭବନ ଠାରେ ବିଜେପିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖାରିଆର ବିଜ୍ଞାପିତ ପରିଷଦ ଅଞ୍ଚଳ ର ୪,୫,୬,୭ ନମ୍ବର ୱାର୍ଡ ର ବିଜେପି କାର୍ଯ୍ୟକର୍ତ୍ତା ଓ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ନିର୍ବାଚନ ପ୍ରଚାରରେ କେନ୍ଦ୍ରର ମୋଦୀ ସରକାର୍ ଓ ରାଜ୍ୟର ମୋହନ୍ ମାଝୀ ସରକାରଙ୍କର ସମସ୍ତ ଜନକଲ୍ୟାଣକରୀ ଯୋଜନା କିଭଳି ତୃଣମୂଳ ସ୍ତରରେ ସଧାରଣ ଲୋକଙ୍କ ପାଖକୁ ପହଞ୍ଚିବ ସେ ନେଇ ବୈଠକ ରେ ଉପସ୍ଥିତ ନେତୃବୃନ୍ଦ କାର୍ଯ୍ୟକର୍ତ୍ତାଙ୍କୁ ବୁଝାଇଥିଲେ।

# ନୂଆପଡାରେ ବିଜେଡି କର୍ମୀଙ୍କ ମାରାଥନ ସଭା



ଭୁବନେଶ୍ୱର,୨୮।୧୦ (ମହାଭାରତ): ଆସନ୍ତା ନୂଆପଡା ଉପନିର୍ବାଚନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ସଂଗଠନକୁ ମଜବୁତ କରିବା ଉଦ୍ଦେଶ୍ୟରେ ସୋମବାର ନୂଆପଡ଼ା ବ୍ଲକର ଚୂଲାଭାତ, ମୋଟା ନୂଆପଡା ପଞ୍ଚାୟତ, ଧ୍ୱଜାଭଟା ଗ୍ରାମ ଓ ଖୁତବେନ ଭେରୀ ପଞ୍ଚାୟତରେ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ଶତାଧିକ କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ହୋଇ ବିଜେଡ଼ି ପ୍ରତି ନିଜର ସମର୍ଥନ ଓ ଆସ୍ଥା ପ୍ରକଟ କରିଥିଲେ। ସଭାକୁ ସମ୍ବୋଧନ କରି ପୂର୍ବତନ ମନ୍ତ୍ରୀ ଓ ବିଜେଡିର ବରିଷ୍ଠ ନେତା ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ଯୁବ ବିଜେଡ଼ି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସୀତା ସାହୁ ପ୍ରମୁଖ ବିଜେଡ଼ି ପାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ଅନୁରୋଧ କରିଥିଲେ। ନୂଆପଡ଼ାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରା, ଲୋକଙ୍କ ପାଇଁ କରିଥିବା ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନା ଓ ବର୍ତ୍ତମାନ ସରକାରଙ୍କ ଅବହେଳା ତଥା ପ୍ରତାରଣାକୁ ନେଇ କର୍ମୀ ମାନେ ସାଧାରଣ ଜନତାଙ୍କ ପାଖକୁ ପହଞ୍ଚିବା ପାଇଁ ନେତୃବୃନ୍ଦ ଆହ୍ୱାନ ଜଣାଇଥିଲେ।

# ରାମକୃଷ୍ଣ ମିଶନରେ ଆଲୋଚନାଚକ୍ର

ଭୁବନେଶ୍ୱର,୨୮।୧୦ (ମହାଭାରତ): ରାମକୃଷ୍ଣ ମିଶନ ପକ୍ଷରୁ ବିବେକାନନ୍ଦ ଲାଇବ୍ରେରୀ ହଲରେ ବରିଷ୍ଠ ସନ୍ନ୍ୟାସୀ ସ୍ୱାମୀ ଇଷ୍ଟରୂପାନନ୍ଦଜୀଙ୍କ ଅଧ୍ୟକ୍ଷତାରେ ମା' କାଳୀ ଓ ଶ୍ରୀରାମକୃଷ୍ଣଙ୍କ ଅଲୌକିକ ସମ୍ବନ୍ଧ' ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଦୈନିକ ନୀତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର କହିଥିଲେ ଯେ, ବିଶ୍ୱର ଆଧ୍ୟାତ୍ମିକ ଇତିହାସରେ ଶ୍ରୀରାମକୃଷ୍ଣ ପରମହଂସ ଥିଲେ ଆଲୋକବର୍ତ୍ତିକା ଏବଂ ତାଙ୍କ ଜୀବନ ଥିଲା ଈଶ୍ୱରପ୍ରାପ୍ତିର ଜୀବନ୍ତ ଉଦାହରଣ। ତାଙ୍କ ସାଧନାର କେନ୍ଦ୍ରବିନ୍ଦୁ ଥିଲେ ସ୍ୱୟଂ ମା' କାଳୀ ଏବଂ ସେ ତାଙ୍କ ସାମ୍ନାରେ ଅସୀମ ପ୍ରେମ, ଶକ୍ତି ଓ ଚେତନାର ଜୀବନ୍ତରୂପରେ ପ୍ରକାଶିତ ହୋଇଥିଲେ। ମା' କାଳୀ ତାଙ୍କ ପାଇଁ ସାକାର ରୂପରେ ସ୍ନେହମୟୀ ଜନନୀ ଓ ନିରାକାର ରୂପରେ ବ୍ରହ୍ମ ଥିଲେ।




ଅନ୍ୟତମ ବକ୍ତାଭାବରେ ଷ୍ଟେଟ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ମହେଶ ପ୍ରସାଦ ଦଳବେହେରା କହିଥିଲେ ଯେ, ଶ୍ରୀରାମକୃଷ୍ଣଙ୍କର ମା' କାଳୀଙ୍କ ଦର୍ଶନ ଥିଲା ଏକ ଅବିସ୍ମରଣୀୟ ଘଟଣା ଯାହା କେବଳ ଏକ ସାଧକର ଅଭିଜ୍ଞତା ନୁହେଁ ବରଂ ମାନବଜାତି ପାଇଁ ଏକ ସାର୍ବଜନୀନ ବାର୍ତ୍ତା। ଏହି ସଭାରେ ସ୍ୱାମୀ ଅଦ୍ୱୟାନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ପରମେଶ୍ୱର ଧଳ ଧନ୍ୟବାଦ ଜ୍ଞାପନ କରିଥିଲେ। ଜିତେନ୍ଦ୍ର ରଣା, ଅଭିମନ୍ୟୁ ନାୟକ, ରମେଶ ପ୍ରଧାନ, ବୃନ୍ଦାବନ ପଣ୍ଡା ପ୍ରମୁଖ ସହାୟତା କରିଥିଲେ।

# ସିପିଆଇ ପକ୍ଷରୁ ଶୋକସଭା

ଭୁବନେଶ୍ୱର,୨୮।୧୦ (ମହାଭାରତ): ହିନ୍ଦ୍ ମଜଦୁର ସଭାର ଓଡ଼ିଶା ରାଜ୍ୟ ସଭାପତି, ବିଶିଷ୍ଟ ସୋସିଆଲିଷ୍ଟ ନେତା, ଖଟିଖିଆ ମେହନତୀ ମଣିଷର ଦରଦୀ ବନ୍ଧୁ, ସଚ୍ଚୋଟ ଓ ନୀତିବାନ ରାଜନୀତିରେ ବିଶ୍ୱାସୀ ବରିଷ୍ଠ ରାଜନେତା କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିୟୋଗରେ ସିପିଆଇ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଶୋକ ବାର୍ତ୍ତାରେ ପାର୍ଟିର ରାଜ୍ୟ ସମ୍ପାଦକ ଡା. ପ୍ରଶାନ୍ତ କୁମାାର ମିଶ୍ର, ଆଶିଷ କାନୁନଗୋ, ପୂର୍ବତନ ବିଧାୟକ ଏନ୍. ନାରାୟଣଈ ରେଡ୍ଡୀ ଏବଂ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ପ୍ରମୁଖ କହିଛନ୍ତି କୃଷ୍ଣଚନ୍ଦ୍ର ପାତ୍ର ଜଣେ ବେସାଲିସ ସଂଗ୍ରାମୀ ଭାବରେ ଆଦର୍ଶଗତ ରାଜନୀତିରୁ କ୍ଷମତା ପାଇଁ ବିଚ୍ୟୁତ ହୋଇନାହାନ୍ତି।

# ସଂରକ୍ଷଣ ବ୍ୟବସ୍ଥା

ସମ୍ବିଧାନରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ନିମନ୍ତେ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ରହିଛି। କିନ୍ତୁ ସମ୍ବିଧାନରେ ଏହା ଏକ ଅସ୍ଥାୟୀ ବ୍ୟବସ୍ଥା ଭାବେ ରହିଛି। କିଛି ବର୍ଷ ମଧ୍ୟରେ ଯେତେବେଳେ ସଂରକ୍ଷିତ ବର୍ଗର ଲୋକେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଯିବେ ଏବଂ ସେମାନଙ୍କର ଆର୍ଥିକ ତଥା ସାମାଜିକ ସ୍ଥିତିରେ ଉନ୍ନତି ଆସିବ ଏବଂ ସେମାନେ ଅନ୍ୟ ଉଚ୍ଚ ବର୍ଗର ଲୋକଙ୍କ ସହ ସମାନ ବୋଲି ଅନୁଭବ କରାଯିବ, ସେତେବେଳେ ଏହି ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯିବ ବୋଲି ସମ୍ବିଧାନରେ ରହିଛି। କିନ୍ତୁ ସଂରକ୍ଷଣ ବ୍ୟବସ୍ଥା କିଛି ବର୍ଗର ଲୋକଙ୍କ ପାଇଁ ଏତେ ଅନୁକୂଳ ହୋଇଯାଇଛି ଯେ, ସେମାନେ ଏହାର ପ୍ରତ୍ୟାହାର କଥା ଶୁଣିଲେ ଚିହିଁକି ଉଠୁଛନ୍ତି। ସେମାନେ ଚାହୁଁଛନ୍ତି ଯେ, ଏହା ଅନନ୍ତ କାଳ ପର୍ଯ୍ୟନ୍ତ ଚାଲିଥାଉ। କୌଣସି ଦଳର ସତସାହସ ନାହିଁ ଯେ, ସଂରକ୍ଷଣ ବ୍ୟବସ୍ଥାର ପ୍ରତ୍ୟାହାର ସମ୍ପର୍କରେ କହିବେ। ସବୁ ଦଳ ତୁଷ୍ଟିକରଣ ରାଜନୀତିରେ ମାତିଛନ୍ତି। ଯିଏ ସଂରକ୍ଷଣ ବ୍ୟବସ୍ଥା ହଟାଇବାକୁ ଦାବି କରିବ ଏବଂ କ୍ଷମତାକୁ ଆସିଲେ ଏହାକୁ ପ୍ରତ୍ୟାହାର କରିବ ବୋଲି କହିବ, ସେ ସଂରକ୍ଷିତ ବର୍ଗର ଭୋଟ ପାଇବ ନାହିଁ। ତା ଛଡ଼ା ଏହି ବର୍ଗର ସାଂସଦ ତଥା ବିଧାୟକମାନେ ଏଭଳି ପ୍ରସ୍ତାବକୁ ସଂସଦ ଓ ବିଧାନସଭାରେ ତୀବ୍ର ବିରୋଧ କରିବେ। ତେଣୁ ସଂରକ୍ଷଣ ବ୍ୟବସ୍ଥା ଭାରତରୁ ହଟିବ ଏକଥା ଚିନ୍ତା ବାହାରେ। କିଛି ବର୍ଷ ତଳେ ସୁପ୍ରିମକୋର୍ଟ ଏସଟି/ଏସଟି ଅତ୍ୟାଚାର ନିରୋଧ ଆଇନରେ ସାମାନ୍ୟ ସଂଶୋଧନ ନିମନ୍ତେ ପ୍ରସ୍ତାବ ଦେଲେ। କେବଳ ଅଭିଯୋଗ ଆସିଲେ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିବନି, ଜଣେ ଡିଏସପି ପାହ୍ୟାର ଅଧିକାରୀ ଏହାର ତଦନ୍ତ କରି ଅଭିଯୋଗର ପ୍ରାଥମିକ ପ୍ରମାଣ ରହିଛି ବୋଲି ରିପୋର୍ଟ ଦେଲେ ଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଲେ। ଉଦ୍ଦେଶ୍ୟ ଥିଲା ଏସଟି/ଏସସି ଅତ୍ୟାଚାର ନିରାକରଣ ଆଇନର ଦୁରୂପଯୋଗ ନହେଉ। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ରାୟ ବିରୋଧରେ ଦେଶବ୍ୟପୀ ହିଂସାତ୍ମକ ଆନ୍ଦୋଳନ ହେଲା। ଫଳରେ ସୁପ୍ରିମକୋର୍ଟଙ୍କ ଏହି ରାୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଥିରୁ ଅନୁମାନ କରାଯାଇପାରେ ଯଦି ସଂରକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦୂର କଥା, ଯଦି ଏହାକୁ ହ୍ରାସ କରିବା ପାଇଁ ମଧ୍ୟ କୁହାଯିବ ତେବେ ଭାରତରେ କିଭଳି ହିଂସାକାଣ୍ଡ ସୃଷ୍ଟି ହେବ। ନବେ ଦଶକ ପ୍ରାରମ୍ଭରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି ପି ସିଂହ ମଣ୍ଡଳ କମିଶନଙ୍କ ସୁପାରିସ ଆଧାରରେ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ୨୭% ସ୍ଥାନ ସଂରକ୍ଷଣ କରିବାକୁ ନିଷ୍ପତ୍ତି ନେଲେ। ଏହା ବିରୋଧରେ ସାରା ଦେଶରେ ଭୟଙ୍କର ଆନ୍ଦୋଳନ ହେଲା। ଅନେକ ଯୁବକ ଯୁବତୀ ପ୍ରାଣ ହରାଇଲେ। ତଥାପି ସରକାର କେବଳ ଭୋଟ ରାଜନୀତି ପାଇଁ ନିଜ ଯିଦରେ ଅଟଳ ରହିଲେ। ଶେଷରେ ଓବିସି ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କାଏମ ରହିଲା। ସମ୍ବିଧାନରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି ଯେ, କୌଣସି ପରିସ୍ଥିତିରେ ବି ମୋଟ ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତରୁ ଅଧିକ ହେବ ନାହିଁ। କିନ୍ତୁ କିଛି ରାଜନୈତିକ ଦଳ ଏବେ ଓବିସି ବର୍ଗଙ୍କ ସଂଖ୍ୟା ଦୃଷ୍ଟିରୁ ସଂରକ୍ଷଣ ବ୍ୟବସ୍ଥାକୁ ୫୦%ରୁ ଅଧିକ କରିବା ନିମନ୍ତେ ଦାବି କରୁଛନ୍ତି। ଅର୍ଥାତ ଓବିସି ବର୍ଗଙ୍କ ପାଇଁ ୨୭%ରୁ ଅଧିକ ସଂରକ୍ଷଣ ବ୍ୟବସ୍ଥା ହେଉ ବୋଲି ସେମାନେ ଦାବି କରୁଛନ୍ତି। ଏଥିପାଇଁ କେତେକ ରାଜ୍ୟରେ ଓବିସି ଜନଗଣନା ଆରମ୍ଭ ହୋଇଛି। ଜାତିଭିତ୍ତିକ ଜନଗଣନା ପାଇଁ ବିଭିନ୍ନ ରାଜନୈତିକ ଦଳ ଦାବି କରୁଛନ୍ତି। ଏହା ଏକ ମାରାତ୍ମକ ଚିନ୍ତାଧାରା। ଏହା ଦ୍ୱାରା ଜାତି ଭେଦ ଆହୁରି ଉତ୍କଟ ହେବ। ଏକ ନିର୍ଦ୍ଦିଷ୍ଟ ବର୍ଗର ଜନସଂଖ୍ୟା ଅନୁପାତରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ଚିନ୍ତାଧାରା ରୁଗ୍ଣ ଚିନ୍ତାଧାରା।

# ନିଖୋଜ ହେଉଛି ଋତୁ

॥ ବାଦଲ ଭୂୟାଁ ॥

“

*ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ।*

ଋତୁଚକ୍ରରେ ଛଅ ଋତୁରୁ ହଜିଗଲାଣି ବସନ୍ତ, ଶରତ, ହେମନ୍ତ। ଶୀତ ନିଷ୍ପ୍ରଭ, ବର୍ଷା ଅସନ୍ତୁଳିତ। ବର୍ଷର ଛଅ ଋତୁ ଓ ବାର ମାସ ମଧ୍ୟରୁ ଏବେ ଅର୍ଦ୍ଧାଧିକ କାଳ ଅନୁଭୂତ ହେଉଛି ଗ୍ରୀଷ୍ମର ପ୍ରଭାବ। ପ୍ରଚଣ୍ଡ ସୂର୍ଯ୍ୟତାପ ପ୍ରଭାବ ପ୍ରାଣୀ ଜଗତ ଠାରୁ ଆରମ୍ଭ କରି ମେରୁ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଜଳବାୟୁ ପରିବର୍ତ୍ତନ ବୃକ୍ଷରାଜି ଠାରୁ କୀଟପତଙ୍ଗ ସମସ୍ତେ ପ୍ରଭାବିତ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବର୍ଦ୍ଧିତ ଜନବସତିର ଆକାର, ପ୍ରତିବର୍ଷ ବୃଦ୍ଧି ପାଉଥିବା ଗାଡିମୋଟରର ସଂଖ୍ୟା, ବ୍ୟାପକ ଶିଳ୍ପାୟନ, ଜଙ୍ଗଲ ହ୍ରାସ ଆଦି ବିଭିନ୍ନ କାରଣ ଜଳବାୟୁ ପରିବର୍ତ୍ତନର କାରକ ଭାବରେ ଗଣାଯାଉଛି। ମଣିଷ ଯେତେ ଆଧୁନିକ ଓ ବିଳାସୀ ହେଉଛି ଜଳବାୟୁ ଉପରେ ତାହାର ପ୍ରଭାବ ସେତେ ଅଧିକ ପଡୁଛି। ତିନି ଦଶନ୍ଧି ପୂର୍ବରୁ ଅକ୍ଟୋବର ମାସର ଧୂଳିଆ ଅପରାହ୍ନ ସାଙ୍ଗକୁ ସଞ୍ଜକୁ ଢ଼ାଙ୍କି ଦେଉଥିଲା କଅଁଳ ଶୀତ ଚାଦର। ଶରତ କାଶତଣ୍ଡୀ ସାଙ୍ଗରେ ଆସୁଥିବା ଶୀତ ଶବିରାତ୍ରୀ ପର୍ଯ୍ୟନ୍ତ ଶୀତ ଅନୁଭୂତ ହେଉଥିଲା। ଦୋଳ ଠାରୁ ଖରା ଟିକେ ଟିକେ ଲାଗୁଥିଲା, ଆଉ ରଜ ବେଳକୁ ବୁନ୍ଦାବୁନ୍ଦା ବର୍ଷା ଖରାକୁ ଠେଲି ଦେଉଥିଲା ଦୂରକୁ। ମାତ୍ର ଏବେ ଋତୁଚକ୍ରରେ ଆସିଛି ବଡ଼ ପରିବର୍ତ୍ତନ। ଦିଲ୍ଲୀ ପରି ବଡ଼ ବଡ଼ ସହରରେ ସ୍ମଗ ସାଧାରଣ ଜୀବନଯାତ୍ରାକୁ ବ୍ୟତିବ୍ୟସ୍ତ କରି ଦେଇଛି। ଲୋକମାନେ ଖୋଜୁଛନ୍ତି ଶୁଦ୍ଧ ବାୟୁ। ଏପରିକି କିଛି ଅଞ୍ଚଳରେ ଶୁଦ୍ଧ ବାୟୁ ସିଲିଣ୍ଡରରେ ଭର୍ତ୍ତି କରି ବିକ୍ରି କରାଯାଉଥିବା ଖବର ବି ମିଳିବାରେ ଲାଗିଛି। କେବଳ ସେତିକି ନୁହେଁ, ବରଫ ମେରୁ ତରଳିବା ଯେବେ ଠୁ ଆରମ୍ଭ ହେଲାଣି, ସେବେଠାରୁ ବିଶ୍ୱ ଉପରେ ବିପଦ ବି ବଢ଼ିବାରେ ଲାଗିଛି। ସତରେ କ'ଣ ବରଫ ମେରୁ ତରଳି ଯିବ ? ଯଦି ତରଳିଯାଏ, ତେବେ ବିଶ୍ୱ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ତାକୁ ନେଇ ଆରମ୍ଭ ହୋଇଛି ତର୍ଜମା। ଏପରିକି ଆଗାମୀ କିଛି ବର୍ଷ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ବିଶ୍ୱର ବହୁ ବଡ଼ ସହର ସହ ଭାରତର ୧୨ ସହର ମଧ୍ୟକୁ ସମୁଦ୍ର ମାଡ଼ି ଆସିବ ବୋଲି ମଧ୍ୟ ଆକଳନ କରାଯାଉଛି। ଏହାମଧ୍ୟରେ ଆମ ରାଜ୍ୟରେ ପାରାଦ୍ୱୀପ ମଧ୍ୟ ରହିଛି।

ତେବେ ପ୍ରଶ୍ନ ଉଠୁଛି କାହିଁକି ଏପରି ହେଉଛି ? କାହିଁକି ଋତୁଚକ୍ରରୁ ହଜି ଯାଉଛି ଋତୁ ? କାହିଁକି ବର୍ଷରେ ଛଅ ଋତୁ ବଦଳରେ ତିନିଟି ଋତୁ ଅନୁଭୂତ ହେଉଛି। କାହିଁକି ବଢୁଛି ତାତି ? କାହିଁକି ତରଳୁଛି ବରଫ ମେରୁ ? ବିକଶିତ, ବିକାଶଶୀଳ ଓ ବିକାଶମୁଖୀ ସବୁ ରାଷ୍ଟ୍ର ଏଥିପାଇଁ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ବୈଜ୍ଞାନିକ, ବିଶେଷଜ୍ଞ, ରାଜନୀତିଜ୍ଞ ସମସ୍ତେ ଚିନ୍ତିତ। ଆନ୍ତର୍ଜାତୀୟସ୍ତରରେ ଜଳବାୟୁ ସମ୍ମିଳନୀ ଡକାଯାଉଛି। ପରିବେଶ ପ୍ରଦୂଷଣ ରୋକିବା ନିମନ୍ତେ ନକ୍ସା ପ୍ରସ୍ତୁତ ହେଉଛି। ଋତୁ ପରିବର୍ତ୍ତନରେ ଅନିୟମିତା ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି। ବର୍ଷା ଋତୁରେ ନା ଆବଶ୍ୟକ ପରିମାଣର ବର୍ଷା ହେଉଛି ନା ଶୀତ, ଋତୁରେ ଅନୁଭବ କରି ହେଉଛି ଜାଡ଼କୁ। ସେହିପରି ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଅସ୍ତବ୍ୟସ୍ତ କରିଦେଉଛି ପ୍ରାଣୀ ଜଗତକୁ। ଏ ସବୁ ଜଳବାୟୁ ପରିବର୍ତ୍ତନର ପରିଣାମ ଭୋଗିବାକୁ ପଡୁଛି ମଣିଷ ଓ ଜୀବଜଗତକୁ।

ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ। ଏହା ଆକର୍ଷଣୀୟ ଜୀବ ଆମ ଚାରି ପାଖରୁ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି। ଏହାର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ପିଲାଦିନର ମଧୁର ସ୍ମୃତିକୁ ଜାବୁଡ଼ି ଧରିବାର ଦିନ ହଜି ହଜି ଯାଉଛି। ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସିଧାସଳଖ ପଡୁଛି ଉଦ୍ଭିଦ ଜଗତ ଉପରେ। ଖରା, ବର୍ଷା, ଶୀତରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ ଭାବରେ ବଢ଼ି ପାରୁନାହିଁ। ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି। ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପମାତ୍ରା। ଏବେ ଗ୍ଲୋବାଲ ୱାର୍ମିଂ ବିଶ୍ୱର ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ଏଥିରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ପ୍ରୟାସ ଜାରି ରହିଛି। ବିଶ୍ୱସ୍ତରରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଗ୍ଲେସିୟର ତରଳି ସମୁଦ୍ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ସହିତ ସମୁଦ୍ର ଆଖପାଖ ଦ୍ୱୀପ ବୁଡ଼ି ଯିବାର ଆଶଙ୍କା ରହିଛି।

ଜଳବାୟୁ ପରିବର୍ତ୍ତନ ଓ ଦ୍ରୁତଗତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ଜଙ୍ଗଲୀ ଜୀବଜନ୍ତୁ ଲୋପ ପାଇବାରେ ଲାଗିଛନ୍ତି। ଅନେକ ବିରଳ ପ୍ରଜାତିର ପଶୁ, ପକ୍ଷୀ, ଧୀରେ ଧୀରେ ପୃଥିବୀ ବକ୍ଷରୁ ନିଶ୍ଚିହ୍ନ ହେବାରେ ଲାଗିଛନ୍ତି। ବିଶେଷଜ୍ଞଙ୍କ ମତ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଏକ ଚତୁର୍ଥାଂଶ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ରୋଗ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରପ ମ୍ୟାଲେରିଆ ଓ ଡେଙ୍ଗୁ ଭଳି ରୋଗ ବଢ଼ିବାର ସମ୍ଭାବନା ଅଧିକ ରହିଛି। ଏପରିକି ଏଭଳି ରୋଗକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଛି। ତୀବ୍ର ଗରମ ଓ ଶୁଷ୍କ ପରିବେଶ କାରଣରୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟୁଛି। ବ୍ରାଜିଲସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ସ୍ପେସ ରିସର୍ଚ୍ଚ ବା ଆଇଏନପିଇର ତଥ୍ୟ ଅନୁସାରେ ୨୦୧୯ ଜାନୁଆରୀରୁ ଏ ପର୍ଯ୍ୟନ୍ତ ବ୍ରାଜିଲର ଅମାଜନ ଜଙ୍ଗଲରେ ୭୪,୧୫୫ ଥର ନିଆଁ ଲାଗିଲାଣି। ସେହିପରି ଆମ ଦେଶର ବିଭିନ୍ନ ରାଜ୍ୟରେ ବନାଗ୍ନି ଯୋଗୁଁ ବିପୁଳ କ୍ଷତି ଘଟୁଛି। ଓଡ଼ିଶା ବି ଏଥିରୁ ବାଦ ପଡ଼ିନାହିଁ। ଜଙ୍ଗଲରେ ନିଆଁ ଲାଗିବା ଫଳରେ ବ୍ୟାପକ ପରିମାଣରେ ବିରଳ ଗଛ, ଔଷଧୀୟ ଗୁଳ୍ମ ନଷ୍ଟ ହୋଇଯାଉଛି। ଏପରିକି ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ଜୀବନ୍ତ ଦଗ୍ଧ ହେଉଛନ୍ତି।

ସତ ହେବ କି ମାଳିକା ବଚନ ! ବାଇଶି ପାହାଚେ ଖେଳିବ ମୀନ ! ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଳିକାର ବଚନ ସତ ହେବ ବୋଲି ଆଶା କରାଯାଉଛି। ଆସନ୍ତା ୨୦୩୦ ମସିହା ମଧ୍ୟରେ ଦେଶରେ ଅନେକ ସମୁଦ୍ର କୂଳିଆ ସହର ଜଳମଗ୍ନ ହୋଇଯିବ। ସମୁଦ୍ରରୁ ବଡ଼ ବଡ଼ ଲହଡ଼ି ଆସି ସହରକୁ ଜଳମଗ୍ନ କରିଦେବ ବୋଲି ମାଳିକାରେ ବର୍ଣ୍ଣନା କରାଯାଇଛି। ଆଉ ଏହା ଅନେକ ପରିମାଣରେ ସତ ହୋଇଛି। ଅତୀତରେ ସାମୁଦ୍ରିକ ଝଡ଼ ଫଳରେ ସମୁଦ୍ର ଜଗ ସହର ଆଡ଼କୁ ମାଡ଼ି ଆସିଥିଲା। ଯେଉଁ ଭଳି ଭାବେ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି, ଆଗାମୀ ଦିନରେ ଏହା ସତରେ ପରିଣତ ହେବ ନିଶ୍ଚିତ। କାରଣ ନିକଟ ଅତୀତରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଉଲ୍ଲେଖ ରହିଛି, ମୁମ୍ବାଇ, କୋଚି, ମାଙ୍ଗାଲୁରୁ, ବିଶାଖାପାଟନମ୍, ତିରୁଅନନ୍ତପୁରମ ଆଦି ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ।

ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨,

# ଶିଶୁଙ୍କ ପାଇଁ ହିତକର ମିଲେଟ ଖାଦ୍ୟ

॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

ମାଣ୍ଡିଆ, ବାଜରା, ଯଅ, ସୁଆଁ ଆଦି ମିଲେଟ ଜାତୀୟ ଖାଦ୍ୟ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ହୋଇଥାଏ। ମିଲେଟ ଖାଦ୍ୟ ସାରା ଓ ଜୀବସାର ଭରପୁର ରହିଥାଏ। ମିଲେଟ ବା ଲଘୁକ୍ଷୁଦ୍ର ଖାଦ୍ୟଶସ୍ୟରୁ ପ୍ରସ୍ତୁତ ଅଟାରୁ ଶିଶୁଖାଦ୍ୟ ପ୍ରସ୍ତୁତ କରିପାରିବା। ଏହା ବ୍ୟତୀତ ମାଣ୍ଡିଆ ଅଟାରୁ ପ୍ରସ୍ତୁତ ଦୋସା, ପିଠା, ହାଲୁକା କିମ୍ବା ପରିବା ସହିତ ମିଶାଇ ଖିଚିଡ଼ି କରି ମଧ୍ୟ ଶିଶୁକୁ ଦିଆଯାଇପାରିବ।

ଶିଶୁ ପାଇଁ ସ୍ୱାସ୍ଥ୍ୟପ୍ରଦ ମିଲେଟ ଖାଦ୍ୟ : ଲଘୁ କ୍ଷୁଦ୍ର ଖାଦ୍ୟଶସ୍ୟରେ ପ୍ରଚୁର ପରିମାଣରେ ପ୍ରୋଟିନ ରହିଥାଏ। ଏହାକୁ ରାନ୍ଧିଲେ ମଧ୍ୟ ଏଥିରେ ଯଥେଷ୍ଟ ପରିମାଣର ପ୍ରୋଟିନ ସୁରକ୍ଷିତ ରହେ। ଫଳରେ ଶିଶୁର ମାଂସପେଶୀର ବିକାଶ ଏହା ସାହାଯ୍ୟ କରିଥାଏ। ଏଥିରୁ ମିଳୁଥିବା ଶର୍କରା ବା କାର୍ବୋହାଇଡ୍ରେଟ ରକ୍ତ ଶର୍କରା ବଢ଼ିବାକୁ ଦିଏ ନାହିଁ। ତେଣୁ ଏହାକୁ ଖାଇଲେ ଶିଶୁ ମୋଟାପଣର ଶିକାର ହେବାର ଆଶଙ୍କା ରହେନାହିଁ। ସେହିପରି ଫାଇବର ବା ତନ୍ତୁ ଅଧିକ ଥିବାରୁ ଶିଶୁର ପାକସ୍ଥଳୀ ସମ୍ପର୍କିତ ସମସ୍ୟା ଦେଖାଦିଏନାହିଁ। ଏହାକୁ ଶିଶୁଟି ସହଜରେ ହଜମ କରିପାରୁଥିବାରୁ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦିଏନାହିଁ। ଏହା ସହିତ ଏଥିରେ ପ୍ରିବାୟୋଟିକ୍ସ ଅଧିକ ଥିବାରୁ ଶିଶୁର ଅନ୍ତଃନାଳୀ ସୁସ୍ଥ ରଖେ। ସେଥିପାଇଁ ଏଥିରେ ମ୍ୟାଗ୍ନେସିୟମ ଭରପୁର ଥିବାରୁ ଶିଶୁର ସ୍ନାୟବିକ ବିକାଶରେ ସାହାଯ୍ୟ କରେ। ଏହା ସହିତ ଅସ୍ଥି ଓ ଦାନ୍ତର ବିକାଶରେ ମଧ୍ୟ ଏହା ସାହାଯ୍ୟ କରେ। ମାଣ୍ଡିଆରେ ଭରପୁର ଫାଇବର ଥିବାରୁ ଏହା ଶିଶୁର ମାଂସପେଶୀର ବିକାଶରେ ସହଯୋଗ କରେ।



ସବୁଠାରୁ ବଡ଼ କଥା ହେଲା, ମିଲେଟ ଖାଦ୍ୟ ଶିଶୁର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରି ମିଲେଟ ବ୍ୟାକ୍ଟେରିଆ ସଂକ୍ରମଣ ବିରୋଧରେ ଲଢ଼େଇ କରିବାରେ ସହଯୋଗ କରେ। ମିଲେଟ ଜାତୀୟ ଖାଦ୍ୟ ଶିଶୁ ମାନଙ୍କୁ ଅନେକ ପୋଷକତତ୍ତ୍ୱ ଯୋଗାଇ ଦେଇଥାଏ। ଏହା ସମ୍ପୂର୍ଣ୍ଣ ରୂପେ ପ୍ରାକୃତିକ ଏବଂ ଶିଶୁ ମାନଙ୍କ ପାଇଁ ଶତ ପ୍ରତିଶତ ନିରାପଦ ହୋଇଥାଏ। ଗହମ ପ୍ରସ୍ତୁତ ଖାଦ୍ୟରେ ଗୁଟୋନ ଥିବାରୁ ଶିଶୁର ପେଟ ଯନ୍ତ୍ରଣା ହୋଇଥାଏ। ଶିଶୁକୁ ଗ୍ୟାସ ଜନିତ ସମସ୍ୟାର ସ୍ୱୀକାର ହେବାକୁ ପଡ଼ିଥାଏ। ଏହି କ୍ଷେତ୍ରରେ ମାଣ୍ଡିଆ ଜାତୀୟ ଖାଦ୍ୟକୁ ଶିଶୁଟି ସହଜରେ ହଜମ କରିପାରିଥାଏ। ତେବେ ଶିଶୁକୁ ଯେ କୌଣସି ଖାଦ୍ୟ ଦେବା ପୂର୍ବରୁ ପୋଷକ ତତ୍ତ୍ୱ ବିଶେଷଜ୍ଞଙ୍କ ସହ ନିଶ୍ଚିତ ଭାବେ ପରାମର୍ଶ କରିବା ଉଚିତ।

ଅଟିଜିମ ଶିଶୁଙ୍କ ପାଇଁ ବରଦାନ ମିଲେଟ ଖାଦ୍ୟ:

ମିଲେଟ ଜାତୀୟ ଖାଦ୍ୟ ସମସ୍ତ ବର୍ଗଙ୍କ ପାଇଁ ଖୁବ ହିତକର। ତେବେ ଅଟିଜିମ ରୋଗରେ ପୀଡ଼ିତ ଶିଶୁମାନଙ୍କ ପାଇଁ ବିଶେଷ ଭାବରେ ଗୁରୁତ୍ୱ ରଖିଥାଏ। ଅଟିଜିମ ରୋଗଗ୍ରସ୍ତ ଶିଶୁ ଶାରୀରିକ ତଥା ମାନସିକ ବିକାଶରେ ପଛରେ ରହିଥାନ୍ତି। ଏହିପରି ଶିଶୁମାନେ ଅନ୍ୟ ଶିଶୁଙ୍କ ସହ ମିଳାମିଶା କରିପାରନ୍ତି ନାହିଁ। ଜନ୍ମର ପ୍ରଥମ ତିନି ବର୍ଷ ମଧ୍ୟରେ ଏହି ରୋଗରେ ଶିଶୁଟି ଆକ୍ରାନ୍ତ ହୋଇଥାଏ। ଗବେଷଣା ଅନୁଯାୟୀ ଏହି ପ୍ରକାର ରୋଗୀମାନଙ୍କ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେଲେ ଏହି ରୋଗ ସମ୍ଭବତଃ ଦୂର ହୋଇଥାଏ।

ଅଟିଜିମ ରୋଗୀ ସର୍ବଦା ଗ୍ଲୁଲେଟିନ ମୁକ୍ତ ଖାଦ୍ୟ ସେବନ କରିବା ଉଚିତ। ମିଲେଟଯୁକ୍ତ ଖାଦ୍ୟ ପଦାର୍ଥ ଅଟିଜିମ ଶିଶୁ ମାନଙ୍କ ହଜମ ପ୍ରକ୍ରିୟା ସହ ମାନସିକ ବିକାଶର ତାରତମ୍ୟ ରଖିବା ପାଇଁ ପ୍ରଭାବିତ କରିଥାଏ। ଅଟିଜିମ ଶିଶୁକୁ ଗହମ, ଚାଉଳ ଜାତୀୟ ଶସ୍ୟ ହଜମ କରିପାରନ୍ତି ନାହିଁ ଓ ଏହା ଶିଶୁ ଶରୀରରେ ଏଲର୍ଜି ସୃଷ୍ଟି କରିଥାଏ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦୈନିକ ଆହାରରେ ଆବଶ୍ୟକ ପରିମାଣର ବାଜରା, ମାଣ୍ଡିଆ, ଯଅ ଆଦି ଦେବା ଉଚିତ। ଏହା ବ୍ୟତୀତ ମିଲେଟଯୁକ୍ତ ଖାଦ୍ୟରେ ଭିଟାମିନ ବି-୬ ଏବଂ ମ୍ୟାଗ୍ନେସିୟମ ଅଧିକ ମାତ୍ରାରେ ଥିବାରୁ ଅଟିଜିମ ଶିଶୁର କଥାବାର୍ତ୍ତା କରିବା ଓ ବୁଝିବା ଶକ୍ତିକୁ ବୃଦ୍ଧି କରିଥାଏ। ମାଣ୍ଡିଆରେ ଆଣ୍ଟି ଅକ୍ସିଡାଣ୍ଟରେ ଭରପୁର ମାତ୍ରାରେ ମିଳିଥାଏ। ମାଣ୍ଡିଆ ପିଲାମାନଙ୍କର ମାଂସପେଶୀ ବିକାଶରେ ସାହାଯ୍ୟ କରେ। ମିଲେଟରେ ଫାଇବରରେ ଭରପୁର ଥାଏ। ତେଣୁ ଦୈନିକ ଏହାର ଖାଇବା ଫଳରେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଏଥିରେ କ୍ୟାଲସିୟମ ଭରପୁର ଅଟେ, ଯାହା ହାଡ଼କୁ ଶକ୍ତ କରିଥାଏ। ମାଣ୍ଡିଆରେ ଲୌହସାର ମାତ୍ରା ଭରପୁର ଥିବାରୁ ଏହା ଶିଶୁଙ୍କ ଠାରେ ଦେଖାଯାଉଥିବା ରକ୍ତହୀନତାକୁ ରୋଗକୁ ଦୂର କରିଥାଏ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର
ଦୂରଭାଷ : ୯୪୩୭୧୨୪୦୭୪

# ଅବତାର ନାହିଁ କୁହେ ମୁହିଁ ଅବତାର

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ମହାପ୍ରଭୁ ଶ୍ରୀ ଗୌରାଙ୍ଗଦେବ କହିଛନ୍ତି ଅବତାର ନିଜକୁ କେବେ ଅବତାର ବୋଲି କୁହନ୍ତି ନାହିଁ। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଏହାର ଅର୍ଥ ହେଉଛି ଅବତାର ପୁରୁଷଙ୍କର ଅହଙ୍କାର ନାହିଁ। ଏହି ଅହଙ୍କାର ହିଁ ଜ୍ଞାନ ଲାଭର ଅନ୍ତରାୟ। ଅବତାର କେବଳ କୁହନ୍ତି - ତୁମ୍ଭେମାନେ ମୋ ପାଖକୁ ଆସ, ମୋ ଉପରେ ତୁମ୍ଭମାନଙ୍କର ନିଷ୍ଠା ଓ ବିଶ୍ୱାସ ରଖ, ତାହାହେଲେ ମୁଁ ତୁମକୁ ମନୁଷ୍ୟ ତିଆରି କରିବାର କୌଶଳ ଶିଖାଇ ଦେବି। ପୁଣି ଭଗବାନ ଶ୍ରୀକୃଷ୍ଣ ଭଗବତ୍ ଗୀତାରେ ଭକ୍ତ ଅର୍ଜ୍ଜୁନଙ୍କୁ କହିଛନ୍ତି - ତୁମର ଓ ମୋର ପାର୍ଥ ବହୁ ଜନ୍ମଗତ, ସେ ସବୁ ନା ଜାଣ ତୁମେ ମୁହିଁ ଅବଗତ। ଏହିପରି ସଚେତନତା ଅବତାର ପୁରୁଷଙ୍କର ଥାଏ, କିନ୍ତୁ ଅହଙ୍କାର ବା ଅଭିମାନ ନଥାଏ। ଅବତାର ପୁରୁଷମାନେ ସର୍ବଜ୍ଞ - ଏହାର ଅର୍ଥ ଯେତାଙ୍କର ଅଭିନ୍ନତ୍ୱ ଅଛି ସବୁ କିଛିର ସହିତ, ସେ ସବୁ କିଛି ମଧ୍ୟରେ ଅନୁପ୍ରେରିତ ହୋଇଅଛନ୍ତି। ଜଣେ ବ୍ୟକ୍ତିକୁ ଅନାଇ ଶ୍ରୀ ଶ୍ରୀ ଠାକୁର କହିଲେ ଯେତେବେଳେ ଆପଣ ଚାଲି ଚାଲି ଯାଉଛନ୍ତି ସେତେବେଳେ ଆପଣଙ୍କର ନାମ ଭୁଲି ଯାଉଛନ୍ତି। କିନ୍ତୁ କେହି ଆପଣଙ୍କୁ ଆପଣଙ୍କ ନାମ ଉଚ୍ଚାରଣ କରି ଡାକିଲେ ଆପଣ ସଚେତନ ହୁଅନ୍ତି ଯେ ଏହି ନାମ ଆପଣଙ୍କର। ଏହି ନାମ ପିତାମାତା ଦିଅନ୍ତି। କିନ୍ତୁ ଏହା ଜନ୍ମଗତ ନାମ ନୁହେଁ, ଏହି ନାମ ଦ୍ୱାରା ଆପଣ ଚିହ୍ନିତ ହୁଅନ୍ତି। ସେହିପରି ଅବତାର ପୁରୁଷଙ୍କୁ ମଧ୍ୟ ଅନ୍ୟ ବ୍ୟକ୍ତିମାନେ କୁହନ୍ତି ଅବତାର ବୋଲି। ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ପବନ ଯେପରି କହି ପାରେନା ମୁଁ ପବନ, ଆଲୋକ ଯେପରି କହିପାରେନା ମୁଁ ଆଲୋକ, ସେହିପରି ଭଗବତ୍ତା ଯାହାଙ୍କ ଠାରେ ଉଦ୍‌ଭିନ୍ନ ହୋଇଉଠିଛି ସେ ମଧ୍ୟ କହିପାରନ୍ତି ନାହିଁ ସେ ଭଗବାନ।

ଅବତାର ପୁରୁଷୋତ୍ତମ ଯେଉଁଠାରେ ଆସନ୍ତି ସେମାନଙ୍କର ଥାଏ ଏକ ଭାବ, ଏକ କଥା, ସେମାନେ ଏକ ଉଦ୍ଦେଶ୍ୟମୁଖୀ, ତାହାହେଲା ଜୀବନୀୟ ଅମୃତ। ସେ ଗୋବର୍ଦ୍ଧନଧାରୀ ଅର୍ଥାତ୍, ଜୀବଜଗତର ପାଳକ ଓ ବର୍ଦ୍ଧକ। ସେ ସାଧାରଣ ମନୁଷ୍ୟ ପରି ତୁମ ପାଖରେ ଆସି ବସିବେ। କଥା କହିବେ ଓ ଏହି ସହଜ କଥା କହୁ କହୁ ସେ ତୁମକୁ ଆବିଳତା ମୁକ୍ତ କରି ଉଠାଇବେ, ସମସ୍ତଙ୍କୁ ଉର୍ଦ୍ଧ୍ୱଗତି କରି ନ ଉଠାଇବା ପର୍ଯ୍ୟନ୍ତ ତାଙ୍କର ଶାନ୍ତି ନାହିଁ। ସକଳଙ୍କର ଉର୍ଦ୍ଧ୍ୱଗତିରେ ହିଁ ସେ ଶାନ୍ତି ଲାଭ କରନ୍ତି। ସେ କୁହନ୍ତି ବୃନ୍ଦାବନ ପରିତ୍ୟଜ୍ୟ ପାଦମେକଂ ନ ଗଚ୍ଛାମି। ବୃନ୍ଦ ଅର୍ଥ ହେଲା ସମୂହ ଓ ବନ୍ ମାନେ ବିସ୍ତାର। ତେଣୁ ଅବତାର ପୁରୁଷ କୁହନ୍ତି - ଏହି ସମୂହର ବିସ୍ତାର ଛାଡ଼ି ମୁଁ କେଉଁଠାରେ ରହିବି ନାହିଁ। ସେ ପୁଣି କୁହନ୍ତି - ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗିନାଂ ହୃଦୟେ ନ ଚ, ମଦ୍‌ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ। ଗାୟନ୍ତି ଅର୍ଥ ଗାନ କରନ୍ତି, ଜୀବନ ବୃଦ୍ଧିର ଗାନ କରନ୍ତି। ଯେଉଁଠାରେ ଭକ୍ତମାନେ ମିଶି ଏହି ଜୀବନ ବର୍ଦ୍ଧନର ଗାନ କରନ୍ତି ଓ ତଦନୁଯାୟୀ ଚଳନ୍ତି ମୁଁ ସେହିଠାରେ ହିଁ ରୁହେ। ମନୁଷ୍ୟର ଉନ୍ନତି ହିଁ ତାଙ୍କ ଜୀବନର ସୁଧା।

ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଲେ - ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାଂ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ପରିତ୍ରାଣ ହେଲା ଉନ୍ନତିମୁଖର ଚଳନର କ୍ରମଗତି। ଏହା ମଧ୍ୟରେ ପୁଣି ପରି ଅଛି, ଅର୍ଥ ସମ୍ପୂର୍ଣ୍ଣ ଭାବରେ। ଅଚ୍ୟୁତ ନିରନ୍ତର ଭାବରେ ଚାଲିଲେ ସାଧୁମାନେ ଯେତେବେଳେ ପୂର୍ଣ୍ଣ ଉନ୍ନତିରେ ପହଞ୍ଚନ୍ତି ସେତେବେଳେ ସେମାନେ ପରିତ୍ରାଣ ଲାଭ କରନ୍ତି। ଆଉ ଏହାର ଓଲଟା ହେଲା - ବିନାଶ, କ୍ରମଶଃ - କ୍ଷୟମୁଖୀ। ତେଣୁ ମନକୁ ସଂଯତ ଓ ବିନାୟତ କରିବା ଆବଶ୍ୟକ। ମନ ଦୁଷ୍ଟ ନ ହେଲେ କର୍ମ ମଧ୍ୟ ଦୁଷ୍ଟ ହେବନାହିଁ। ପୁଣି ଭଗବତ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଲେ - ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ, ଅହଂ ତ୍ୱାଂ ସର୍ବ ପାପେଭ୍ୟୋଃ ମୋକ୍ଷୟିଷ୍ୟାମି ମା ଶୁଚ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସତ୍ୟାନୁସରଣ ପୁସ୍ତକରେ ପ୍ରକାଶ କଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ ମନନ କର ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ୨୬ବର୍ଷ ତଳେ ମହାବାତ୍ୟାର କରାଳ ଦୃଶ୍ୟ ଆଜିବି ଅଲିଭା



ଅସ୍ତରଙ୍ଗ, (ମହାଭାରତ) : ୧୯୯୯ ମସିହା ପ୍ରଳୟଙ୍କାରୀ ମହାବାତ୍ୟାର ୨୬ବର୍ଷ ପରେ ପୁରୀ ଜିଲ୍ଲା ଉପକୂଳର ସର୍ବାଧିକ କ୍ଷତିଗ୍ରସ୍ତ ଅସ୍ତରଙ୍ଗ ଅଞ୍ଚଳର ଚିତ୍ର ଅନେକ ବଦଳିଛି ହେଲେ ସେହି ପ୍ରଳୟଙ୍କାରୀ ମହାବାତ୍ୟାର ଭିବିଷିକା କଥା ମନେ ପଡିଲେ ଆଜିବି ସ୍ଥାନୀୟ ଅଞ୍ଚଳର ବିପନ୍ନ ମାନଙ୍କ ଆଖିରେ ଲୁହ ଆସିଯାଉଛି । ହେଲେ ୧୯୯୯ ପ୍ରଳୟଙ୍କରୀ ମହାବାତ୍ୟା ପରେ ପରିଚାଳନାଗତ ତୃଟି ଯୋଗୁଁ ବେସରକାରୀ ଉଦ୍ୟମରେ ନିର୍ମିତ ଅଧିକାଂଶ ବାତ୍ୟା ଆଶ୍ରୟସ୍ଥଳୀ ଏବେ ଭୂତ କୋଠିରେ ପରିଣତ ହୋଇଛି । ୧୯୯୯ ମସିହା ପ୍ରଳୟଙ୍କାରୀ ମହାବାତ୍ୟାରେ ପୁରୀ ଜିଲ୍ଲା ରେ ସମୁଦାୟ ୩୦୦ ଜଣ ମୃତ୍ୟୁବରଣ କରିଥିବା ବେଳେ କେବଳ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ୨୧୬ ଜଣ ମୃତ୍ୟୁ ବରଣ କରିଥିଲେ । ହେଲେ ଏହି ପ୍ରଳୟଙ୍କାରୀ ମହାବାତ୍ୟାକୁ ୨୬ବର୍ଷ ବିତି ଯାଇଛି । ଏହା ମଧ୍ୟରେ ଅସ୍ତରଙ୍ଗ କାକଟପୁର ବ୍ଲକରେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିଲାଣି ହେଲେ ୨୬ ବର୍ଷ ତଳେ ମହାବାତ୍ୟା ଦେଇଯାଇଥିବା କ୍ଷତ ଆଜି ବି ସୁଖିନି । ୧୯୯୯ ମସିହା ଏହି ଅକ୍ଟୋବର ମାସ ୨୯ ତାରିଖର ପ୍ରଳୟଙ୍କାରୀ ମହାବାତ୍ୟା କଥା ମାନେ ପଡ଼ିଲେ ନିଜର ପରିଜନଙ୍କୁ ହରାଇଥିବା ବିପନ୍ନଙ୍କ ଆଖିରୁ ଲୁହ ଆଜି ବି ଝରି ପଡୁଛି । ଏ ହେଉଛନ୍ତି ମଧୁପୁର ଗ୍ରାମର କଳ୍ପନା ବେହେରା , କଳ୍ପନା ଓ ତାଙ୍କ ପରିବାର ସମୁଦ୍ରକୂଳ ତାଣ୍ଡାରେ ଗାଈ ଗୋରୁ ରଖି ମାଛ ମାରି ପରିବାର ପ୍ରତିପୋଷଣ କରୁଥିଲେ । ମହାବାତ୍ୟାରେ ସମୁଦ୍ର ପାଣି ମାଡି ଆସିଥିଲା । ପରିବାର ସାତ ଜଣ ଲୋକେ ଜୀବନ ବଞ୍ଚାଇବାକୁ ଗାଁ କୁ ଆସିବା ସମୟରେ ନଦୀରେ ସୂ ସୂ ଗର୍ଜନ କରୁଥିବା ଭୟଙ୍କର ଜୁଆର ପାଣିରେ ସ୍ୱାମୀ ବୁଦ୍ଧେସ୍ୱର୍, ଦୁଇ ବର୍ଷର ପୁଅ ଟାଇଗର , ଆଠ ମାସର ଝିଅ ପୁଷ୍ପା , ଶଶୁର ଲୋକନାଥ ଓ ତାଙ୍କ ଯାଆ ଝାମ୍ପ ବେହେରା ଭାସିଯାଇ ପ୍ରାଣ ହରାଇଥିଲେ । ହେଲେ ସ୍ୱାମୀଙ୍କ ବୁଦ୍ଧେସ୍ୱରଙ୍କ ଆଉ ପତ୍ତା ମିଳିନଥିଲା । ଜୀବନ ସହ ସଂଗ୍ରାମ କରି କଳ୍ପନା ଆଜି ନିସଂଗ ଜୀବନ ଜିଉଁ ଥିବା ବେଳେ ନିକଟସ୍ଥ ସୁଧିକେଶ୍ୱର ଗ୍ରାମର ପଦ୍ମନାଭ ବିଶ୍ୱାଳ ଏବଂ ନିର୍ମଳା ବିଶ୍ୱାଳଙ୍କ ନଅ ବର୍ଷର ଝିଅ ଓ ଶଶୁରଙ୍କ ଉପରେ କାନ୍ଥ ପଡ଼ିଯିବା ଯୋଗୁଁ ଦୁହେଁ ମୃତ୍ୟୁବରଣ କରିଥିଲେ । ୨୬ ବର୍ଷ ପରେ ବି ନିଜ ପରିଜନଙ୍କୁ ହରାଇ କଳ୍ପନା ହୁଅନ୍ତୁ ବା ନିର୍ମଳା ବା ଅନେକ ପରିବାର ଆଜି ବି ଗୁମୁରି ଗୁମୁରି କାନ୍ଦୁଛନ୍ତି ।ଅନ୍ୟ ପକ୍ଷରେ ମହାବାତ୍ୟା ପର ଠାରୁ ହୁଡ ହୁଡ , ଫାଇଲିନ , ତିତିଲି, ଫନି, ଆମ୍ଫନ ଓ ମୋନ୍ଥା ଭଳି ସାମୁଦ୍ରିକ ବାତ୍ୟାକୁ ଏ ଅଞ୍ଚଳ ଲୋକେ ବାରମ୍ବାର ସମ୍ମୁଖୀନ ହେଉଥିବା ବେଳେ ମହାବାତ୍ୟା ପରେ ଉପକୂଳବାସୀଙ୍କ ସୁରକ୍ଷା ବେସରକାରୀ ଉଦ୍ୟମରେ, ଛେନୁ, କୋରଣା, ସୁଧିକେଶ୍ୱର, ନାନପଡା, ନୂଆଗଡ, ଡମଶୁଣ୍ଢ, ନଗର ଭଳି ସଂବେଦନଶୀଳ ଗ୍ରାମ ଗୁଡିକରେ ନିର୍ମିତ ଅଧିକାଂଶ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକର ରକ୍ଷଣା ବେକ୍ଷଣା ଅଭାବରୁ ଏହି ବାତ୍ୟା ଆଶ୍ରୟସ୍ଥଳୀ ଏବେ ସଂପୂର୍ଣ୍ଣ ଜରାଜୀର୍ଣ୍ଣ ଓ ଭୁତ କୋଠିରେ ପରିଣତ ହୋଇ ଯାଇଛି,ତେବେ ଜରାଜୀର୍ଣ୍ଣ ବାତ୍ୟା ଆଶ୍ରୟସ୍ଥଳୀରେ ପୁନୋରୋଧାର ପାଇଁ ସ୍ଥାନୀୟ ଲୋକ ଦାବି କରିଥିବା ବେଳେ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।ତେବେ ଜରାଜୀର୍ଣ୍ଣ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକୁ ସରକାର ପୁନଃରୋଦ୍ଧାର ନକଲେ ମହାବାତ୍ୟା ପରେ ଏହିଉପକୂଳ ବାସୀଙ୍କ ସୁରକ୍ଷା ପାଇଁ ଆଗେଇ ଆସିଥିବା ବିଭିନ୍ନ ବେସରକାରୀ ଅନୁଷ୍ଠାନ ମାନଙ୍କ ସାହାଯ୍ୟ ସହୋଯୋଗ ବୃଥା ଯିବ ଏଥିରେ ସନ୍ଦେହ ନାହିଁ ।

## ଶଶି କଳାଙ୍କ ଭତ୍ତା ଟଙ୍କା ନେଉଛି କିଏ ?

ହାଟଡିହି, (ମହାଭାରତ) : ସରକାର ବାର୍ଦ୍ଧକ୍ୟ ଲୋକଙ୍କ ପାଇଁ ସରକାରୀ ଭତା ପ୍ରଦାନ କରୁଛନ୍ତି। ଗରିବ ଲୋକେ ଭତା ଟଙ୍କା ନେଇ ନିଜର ଔଷଧ ଖର୍ଚ୍ଚ କରିବା ପାଇଁ ଅପେକ୍ଷା କରିଥିବା ବେଳେ ଚାରିମାସ ହେଲା ଶଶି କଳା ଙ୍କୁ ମିଳୁନି ବର୍ଦ୍ଧିତ ଟଙ୍କା। ସରକାରୀ ନିୟମ ଅନୁସାରେ ୮୦ବର୍ଷ ରୁ ହେଲେ ଅଧିକ ୩୫୦୦ଟଙ୍କା ମିଳିବ ବୋଲି ସରକାର ଘୋଷଣା କରିବା ପରେ ଶଶିକଳା ଙ୍କୁ ଗତ ଚାରି ମାସ ହେଲା ବଦ୍ଧିତ ଭତ୍ତା ଟଙ୍କା ମିଳୁନଥିବା ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ଶଶିକଳା । ତାଙ୍କ କହିବା ଅନୁଯାୟୀ ସର କାର ବ୍ଲକରେ ଅନେକ ଲୋକଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ପ୍ରଦାନ କରୁଥିବା ବେଳେ ପଞ୍ଚୁଗୋଛିଆ ପଞ୍ଚାୟତ ତରଭା ଗ୍ରାମର ଶଶିକଳା ଓଝାଙ୍କୁ ଆଜି ପର୍ଯ୍ୟନ୍ତ ବର୍ଦ୍ଧିତ ଭତ୍ତା ଟଙ୍କା ଦିଆଯାଉନି । ଏହି ପ୍ରଶ୍ନ ସେ ପଞ୍ଚାୟତ ରେ ଜଣେ ଭତା ବାଣ୍ଟୁ ଥିବା ଯୁବକ ଙ୍କୁ ପଚାରୁ ଥିଲେ। ସେ ବର୍ଦ୍ଧିତ ଭତା ଟଙ୍କା ତୁମ ନାମ ରେ ଆସି ନ କହିଥିଲେ। ପରେ ଶଶିକଳା ବ୍ଲକ ଆସି ଭତା ବିଭାଗ ରେ ପଚାରିବା ପରେ କଥାର ସତ୍ ଜଣା ପଡିଥିଲା। ଶଶିକଳା ଙ୍କ ନାମରେ ପୂର୍ବ ଚାରି ମାସ ହେଲା ବର୍ଦ୍ଧିତ ଟଙ୍କା ଆସୁଥିବା ବେଳେ କାହିଁକି ତାଙ୍କୁ ଦିଆ ଯାଉନାହିଁ ତାହା ଏବେ ବଡ ପ୍ରଶ୍ନବାଚୀ ସାଜିଛି। ତାହା ଛଡା କିଏ ଭତା ଆସିନଥିବା କହିଥିଲେ। ଶଶିକଳା ଓଝା ଙ୍କ ର କୌଣସି ପୁଅ ନଥିବା ବେଳେ ତାଙ୍କ ଭତା ଟଙ୍କା ନେଉଛି କିଏ। ଯାହାକି ଅମୂଲ୍ୟ ଓଝା ନାମକ ଜଣେ ବ୍ୟକ୍ତି ଏହି ବହିରେ ଟଙ୍କା ନେଇ ଦସ୍ତଖତ ମାରିଥିବା ଦର୍ଶା ଯାଇଛି। ଏହି ଘଟଣା କୁ ନେଇ ପାଞ୍ଚୁଗୋଛିଆ ପଞ୍ଚାୟତ ଅଧିକାରୀ ମହେଶ୍ୱର ସାହୁ ଙ୍କୁ ପଚାରୁ ସେ କହିଛନ୍ତି ତାଙ୍କ ବନ୍ଧୁ ବାନ୍ଧବ କେହି ହୋଇଥିବେ ମୁଁ ସଠିକ୍ ଭାବେ ଜାଣିନି। ଯେହେତୁ ସରକାରୀ ଭତା ଟଙ୍କା ପଞ୍ଚାୟତ ଅଧିକାରୀ ଦାୟିତ୍ୱ କାହାକୁ ଅର୍ପଣ କରିଥିଲେ କିଏ ରହିବ ଉତର ଦାୟୀ, ଏପରି ଗୋଟିଏ ହୋଇଛି ଅନେକ ରହିଛି। ତାକୁ ନେଇ ପଞ୍ଚାୟତ ଭତା ହିତାଧିକାରୀ ଙ୍କ ମନରେ ସନ୍ଦେହ ଉଠିଲାଣି। ଏହାକୁ ନେଇ ଘଟଣା ର ବାସ୍ତବତା କୁ ବିଡ଼ିଓ ରଞ୍ଜନ କୁମାର ପରିଡ଼ା ତଦନ୍ତ କରିବେ ବୋଲି କହିଛନ୍ତି।

## ଟାକରା ହାଇସ୍କୁଲର ଆଲୁମିନା କମିଟି ଗଠନ

ଦଶପଲ୍ଲା, (ମହାଭାରତ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅଧିନସ୍ଥ ଟାକରା ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟ (ଟାକରା)ର ନୂତନ ଆଲୁମିନା କମିଟିର ଚୟନ ମଙ୍ଗଳ ବାର ଦିନ ହୋଇଯାଇଛି। ପ୍ରଧାନଶିକ୍ଷକଙ୍କ ତତ୍ତ୍ୱାବଧାନରେ ଟାକରା ହାଇସ୍କୁଲ ପରିସରରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ ନୂତନ କମିଟିର ଚେୟାରମ୍ୟାନ ଭାବେ ପ୍ରଦୀପ କୁମାର ସାହୁ, ଭାଇସ ଚେୟାରମ୍ୟାନ ରୂପେ ଜଗବନ୍ଧୁ ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଥିବାବେଳେ ସଭ୍ୟ ଭାବେ ସନ୍ତୋଷ କୁମାର ସାହୁ, ସୁଲୋଚନା ମଳିକ,ନୋଡାଲ ଶିକ୍ଷକ ନୀଳମଣି ସାହୁ ଏବଂ ୨ଜଣ ଛାତ୍ରଛାତ୍ରୀଙ୍କୁ ମନୋନୀତ କରାଯାଇଥିଲା। ଦେଖିବାକୁ ଗଲେ ଆଲୁମିନା କମିଟିର ୫ ନମ୍ବର ଅଧିବେଶନ ଅର୍ଥାତ ୧୫.୦୭.୨୦୨୫ ରିଖରେ ହୋଇଥିବା ବୈଠକରେ ରେଜୁଲେସନ ଖାତା ଉପରେ ସଭ୍ୟ ମାନଙ୍କ ଦସ୍ତଖତ ରହିଥିବାବେଳେ ଗୋଟିଏ ଧଳା କାଗଜରେ ରେଜୁଲେସନ କରି ତାକୁ ଅଠା ସାହାଯ୍ୟରେ ଉକ୍ତ ଖାତାରେ ଲଗାଯାଇଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ସେ ଏଥି ନିମନ୍ତେ ଭୁଲ ସ୍ୱୀକାର କରିଥିବା ଜଣାପଡ଼ିଛି। ଟାକରା ହାଇସ୍କୁଲ ଅବ୍ୟବସ୍ଥା ଘଟଣା କାହିଁକି ସବୁବେଳେ ଚର୍ଚ୍ଚା ହେଉଛି। ଜିଲ୍ଲା ପ୍ରଶାସନ ଏହି ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ ବିଦ୍ୟାଳୟକୁ ସୁନ୍ଦର ବାତାବରଣ କୁ ଆଣିବା ପାଇଁ କେତେ ଚେଷ୍ଟିତ ତାହା ସାଧାରଣରେ ଚର୍ଚ୍ଚା ହେଉଅଛି।

## କଳିଙ୍ଗ ବାଲିଯାତ୍ରା ସାଂସ୍କୃତିକ କମିଟିର ପ୍ରସ୍ତୁତି ବୈଠକ

ପାରାଦୀପ, (ମହାଭାରତ) : ଆସନ୍ତା ନଭେମ୍ବର ୪ ତାରିଖରେ ସପ୍ତାହ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଥିବା ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ ପାରାଦୀପ କଳିଙ୍ଗ ବାଲିଯାତ୍ରା -୨୦୨୫ ପାଇଁ ପ୍ରସ୍ତୁତି ଜୋରସୋର ରେ ଆଗେଇ ଚାଲିଛି। ଉଦଘାଟନୀ ଓ ଉଦଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଯୋଗଦେଉଥିବା ଗୁରୁତ୍ୱକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପ୍ରଶାସନ, ପୌର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଥିବା ଦେଖିବାକୁ ମିଳିଛି । ସମୁଦ୍ର ବେଳାଭୂମି



ଠାରେ ଆୟୋଜିତ ହେଉଥିବା ଏହି ମହୋତ୍ସବର ସମସ୍ତ ସଂଯୋଗୀକରଣ ରାସ୍ତା ପରିଷ୍କାର ଓ ମରାମତି କରାଯିବା ସହ ବ୍ୟାପକ ଆକର୍ଷଣୀୟ ବନିକରଣ ଏବଂ ଫୁଟପାଥ ଗୁଡିକୁ ରଙ୍ଗ ମରା କାର୍ଯ୍ୟ ଚାଲିଛି। ଚଳିତ ବର୍ଷ ବାଲିଯାତ୍ରାରେ ଓଲିଉଡ଼ ଓ ବଲିଉଡ ର ନାମିଦାମୀ କଣ୍ଠ ଶିଳ୍ପୀ ମାନେ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କୁ ସଙ୍ଗୀତ ଓ ନୃତ୍ୟ ପରିବେଷଣ ନିମନ୍ତେ ସୁଯୋଗ ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସୋମବାର ପୂର୍ବାହ୍ନରେ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କଳିଙ୍ଗ ବାଲିଯାତ୍ରା କମିଟି ର ଉପାଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ବାଲିଯାତ୍ରା କମିଟିର ସାଂସ୍କୃତିକ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଜିଲ୍ଲା ସାଂସ୍କୃତିକ ଅଧିକାରୀ ଦିଲ୍ଲୀପ କୁମାର ଜେନା, ବାଲିଯାତ୍ରା କମିଟିର ସମ୍ପାଦକ ତଥା ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ଅନ୍ୟ କମିଟି ସଦସ୍ୟ ଓ ସଦସ୍ୟା ମାନେ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ସ୍ଥାନୀୟ ଅନୁଷ୍ଠାନ ଗୁଡିକୁ ଚୟନ କରିଥିଲେ।

## ଅଘୋଷିତ ବିଦ୍ୟୁତ କାଟକୁ ନେଇ ଜନ ଜୀବନ ଅସ୍ତବ୍ୟସ୍ତ

ଖୋର୍ଦ୍ଧା ସଦର, (ମହାଭାରତ) : ଖୋର୍ଦ୍ଧା ସେକସନ ଥ୍ରୀ ଇରେ ଅଘୋଷିତ ବିଦୁତ କାଟ ନେଇ ଜନ ଜୀବନ ଅସ୍ତ ବ୍ୟସ୍ତ। ଟିକେ ପବନ ହେଉ ବା ନ ହେଉ ବିଦୁତ କାଟିବାରେ ଅବହେଳା କରୁନାହିଁ ଟିପିସିଓଡିଏଲ। ହେଲ୍ପ ଲାଇନ ନମ୍ବରରେ ପଚାରିଲେ ବି ସେମାନଙ୍କ ପାଖରେ କୌଣସି ସୂଚନା ନାହିଁ । ଖୋର୍ଦ୍ଧା ବିଦ୍ୟୁତ ବିଭାଗର ମନମୁଖି ଶାସନକୁ ନେଇ ଉଠିଛି ବଡ଼ ପ୍ରଶ୍ନ ? ଟିକେ ବର୍ଷା ପବନ ହେଉ ବା ନ ହେଉ କଟୁଛି କରେଣ୍ଟ। ଜକରା, ଦୁର୍ଗାପୁର, ଗୁଡୁମ ବଙ୍ଗିଦା ଜରିପୁଟ ଆଦି ଅଂଚଳ ବିଦୁତ କାଟ ହେବାରୁ ବୃଦ୍ଧ ଓ ଛୋଟ ଛୁଆ ଗୁଳୁ ଗୁଳି ହେବାରୁ ଗରମ ରେ ସନ୍ତୁଳି ହେଉଛନ୍ତି । ଗାଦି ମଡ଼ା ବଡ଼ ବାବୁ ବି ଜାଣି ନ ଜାଣିବାର ଅଭିନୟ ବେଶ ବାବୁଙ୍କୁ ଜଣା କଥାରେ ସର ପକାଇଲା ପରି ଖସୁଛନ୍ତି। ଯେଇ ଓ ଏସଡିଓ ଲାଇନ ମ୍ୟାନଙ୍କ କଥା ବି ପାଣିରେ ଗାର କରି ଚାଲିଛି ବିଦୁତ ବିଭାଗ। ଆଗକୁ ଯଦି ଏହି ପରି କରେଣ୍ଟ କଟେ ତେବେ ବିଦୁତ ବିଭାଗ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଅଂଚଳ ରେ ଚାଲିଛି ବେଶ ଚର୍ଚ୍ଚା ତେବେ ଅଂଚଳ ବାସି ଙ୍କ ଅଭିଯୋଗ କେବେ ସୁଧୁରିବ କରେଣ୍ଟ ର ବ୍ୱେସ୍ତା ତାହାରି ଉପରେ ସମସ୍ତ ଙ୍କ ନଜର

## କୋଶଳ ଟାଇମ୍ସ ନ୍ୟୁଜର ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବରେ ସମ୍ମାନିତ ହେଲେ ସମ୍ବାଦିକ ଜଗନ୍ନାଥ ଧରୁଆ




ପାଟଣାଗଡ଼, (ମହାଭାରତ) ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସ୍ଥିତ ମଙ୍ଗଳ ଭବନ ଠାରେ ଗତ ରବିବାର ଦିନ କୋଶଳ ଟାଇମ୍ସ ନ୍ୟୁଜର ମୁଖ୍ୟ ପତିଷ୍ଠାତା ବେଦବର ଛତ୍ରିଆଙ୍କ ଅଧକ୍ଷତାରେ ଓ ମୁଖ୍ୟ ସମ୍ପାଦକ ସନ୍ତୋଷ ପୁଟେଲଙ୍କ ସହଯୋଗରେ କୋଶଳ ଟାଇମ୍ସ ନ୍ୟୁଜର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି ! ଏହି ଅବସରରେ ଆଇନଜିବୀ ତଥା ଏଲ ଡି ଏ ପ୍ରତିଷ୍ଠାତା ଲବ ସୁନା,ରେଙ୍ଗାଲି ପଞ୍ଚାୟତ ଲଡୁଆ ସରପଞ୍ଚ ଉମାକାନ୍ତ ମେହେର, ସମାଜସେବୀ ବିନୋଦ କାଳସାଏ, ସଂଘମିତ୍ରା ପଟେଲ,ପ୍ରମିଳା ସିଂହ, ମଞ୍ଚାସିନ ଥିଲେ । ପଶ୍ଚିମ ଓଡ଼ିଶାର ଇଷ୍ଟଦେବୀ ଦେବୀ ମାଁ ସମ୍ବଲେଇଶ୍ୱରୀ ପ୍ରତିମୂର୍ତ୍ତିକୁ ଦୀପ ପ୍ରଜ୍ଜଳନ କରି ସାରିବା ପରେ ସଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଯାଇ ଥିଲା ! ଅତିଥି ମାନଙ୍କର ବକ୍ତବ୍ୟ ପ୍ରଦାନ ପରେ ସର୍ବଶେଷରେ ୩୦ଟି ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା କୋଶଳ ଟାଇମ୍ସର ପ୍ରତିନିଧିମାନେ ଖରା ବର୍ଷା ହେଉ କିମ୍ବା ଶୀତ ଖାତିର ନ କରି ଲୋକଙ୍କ ସମସ୍ୟାକୁ ନିରପକ୍ଷ ଭାବରେ କୋଶଳ ଟାଇମ୍ସ ରେ ପ୍ରସାରିତ କରି ସରକାରଙ୍କ ପାଖରେ ପହଁଞ୍ଚାଉ ଥିବା ପ୍ରତିନିଧି ମାନଙ୍କୁ ଅତିଥି ମାନଙ୍କ ହସ୍ତରେ ସଂମ୍ମାନିତ କରି ମାନପତ୍ର ଦିଆ ଯାଇଥିଲା ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସାମାଜିକ ଅନୁଷ୍ଠାନ ଓ ବ୍ୟକ୍ତିଗତ ସମାଜସେବୀ ମାନଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ମାନିତ କରା ଯାଇଥିଲା । ଏହି ଅବସରରେ ଆମ ପାଟଣାଗଡ଼ ସବଡିଭିଜନ ର ରିପୋର୍ଟର ଟୁଡେ ମହାଭାରତ ଖବର କାଗଜ ର ଯୁବ ସାମ୍ବାଦିକ ଜଗନ୍ନାଥ ଧରୁଆ ଙ୍କୁ ସମ୍ମାନିତ କରା ଯାଇଥିଲା ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ସବଡିଭିଜନ ନିର୍ବାଚନ ମଣ୍ଡଳୀ ରେ କାର୍ଯ୍ୟରତ ଥିବା ଯୁବ ସାମ୍ବାଦିକ ଆମ ପାଟଣାଗଡ଼ ପ୍ରତିନିଧି ଜଗନ୍ନାଥ ଧରୁଆ ଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା ! ସୂଚନା ଯୋଗ୍ୟ ଯେ ଆମ ପାଟଣାଗଡ଼ ପ୍ରତିନିଧି ଜଗନ୍ନାଥ ଧରୁଆ ପାଟଣାଗଡ଼ ନିର୍ବାଚନ ମଣ୍ଡଳୀ ର ବିଭିନ୍ନ ସ୍ଥାନକୁ ଯାଇ ଲୋକ ଙ୍କ ସମସ୍ୟା କୁ ପ୍ରଶାସନ ଏବଂ ସରକାର ଙ୍କୁ ଦୃଷ୍ଟି ଆକ୍ରର୍ଷଣ କରୁଛନ୍ତି ! ସାମ୍ବିଦିକଙ୍କୁ ଏହି ଭଳି ସମ୍ମାନ ଦେଇ ଥିବାରୁ ବିଭିନ୍ନ ମହଲ ରୁ ଶୁଭେଚ୍ଛା ର ସୁଅ ଛୁଟୁ ଅଛି ।

## କାଠ ମାଫିଆଙ୍କ କାର୍ଯ୍ୟରତ ସାମ୍ବାଦିକଙ୍କୁ ଘରେ ପଶି ଆକ୍ରମଣ

ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ କରଞ୍ଜିଆ ପଡା ଗ୍ରାମରେ ଅବୈଧ ଗଛ କାଟି ଚୋରା ଚାଲାଣ ନେଇ ବଡଖବର ଟିଭି ରେ ଖବର ପ୍ରସାରଣ ହୋଇଥିଲା। ଖବର ପ୍ରସାରଣ ପରେ ବି ସାହାରପଡା ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବା ସହ ଅନୁମତି ନ ଥାଇ ଗଛ କାଟିବାକୁ ଦିଆଯାଇ ଛି। ଖବର ପ୍ରସାରଣ ପରେ ସନ୍ଧାନ ନ୍ୟୁଜ ସାମ୍ବାଦିକ ନିଶିକାନ୍ତ ବେହେରା ଗଛକଟା ସ୍ଥାନ ନିକଟ ଯାଇଥିବା ଖବର ପ୍ରସାରଣ କରିଥିବା ନେଇ ତାଙ୍କ ଘରକୁ ସୋମବାର ରାତ୍ରି ୮.୩୦ ସମୟରେ କାଠ ମାଫିଆ ଶାରୁଖ ଖାନ ଓ ତାଙ୍କ ଦୁଇଜଣ ସହଯୋଗୀ ଘରକୁ ଯାଇ ର୍ଦୁବ୍ୟବହାର କରିବା ଖବର ପ୍ରସାରଣ କରିଛୁ କହି ମାଡ ମାରିବା ସହ ହତ୍ୟା ଧମକ ଦେଇଥିଲେ। କାଠ ମାଫିଆଙ୍କ ଧମକ କୁ ନେଇ ସାମ୍ବାଦିକ ଙ୍କ ଜୀବନ ପ୍ରତି ବିପଦ ଥିବା ରୁ ଉକ୍ତ ଘଟଣାକୁ ନେଇ ପାଟଣା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ କୁ ଭିତ୍ତି କରି ପୋଲିସ ଘଟଣା ସ୍ଥଳ କୁ ଯାଇ ତଦନ୍ତ କରିଥିବା ବେଳେ ଏପରି ଘଟଣା ମାଡ ମାରିବା ସହ ହତ୍ୟା ଧମକ କୁ ପାଟଣା ସାମ୍ବାଦିକ ସଂଘ ନିନ୍ଦା କରିବା ସହ କାଠ ମାଫିଆ ସାରୁଖ ଖାଁ କୁ ପୋଲିସ ଶୀଘ୍ର ଗିରଫ କରାବାକୁ ଦାବି କରି ଛି।

## କାଳୀପୂଜା ପାଇଁ ରାସ୍ତାରେ ଜମା ହୋଇଛି କୁଢ଼ କୁଢ଼ ଆବର୍ଜନା



କେନ୍ଦୁଝର, (ମହାଭାରତ) : କେନ୍ଦୁଝର ଜିଲ୍ଲାରେ ପ୍ରଶିଦ୍ଧ କାଳୀପୂଜା ଚାଲିଥିବା ବେଳେ ଜିଲ୍ଲା ତଥା ଜିଲ୍ଲାବାହାରୁ ହଜାର ହଜାର ଲୋକ ଆସୁଛନ୍ତି କାଳୀପୂଜା ଓ ମୀନାବଜ଼ାର ଦେଖିବା ପାଇଁ। ଏତେ ମାତ୍ରା ରେ ଜନସମାଗମ ହେତୁ କାଳୀପଡିଆ ଠାରୁ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଉପରେ ଓ ରାସ୍ତା କଡରେ ଜମାହେଇ ରହୁଛି କୁଢ଼ କୁଢ଼ ଆବର୍ଜନା। ଯାହାକି ଦୁର୍ଗନ୍ଧ ଖେଳାଇବା ସହ ରୋଗକୁ ଆମନ୍ତ୍ରଣ କରୁଛି। ଏତେ ପରେବି କେନ୍ଦୁଝରଗଡ଼ ପୌରପାଳିକା ସାଜିଛି ନିରବଦ୍ରଷ୍ଟା। ଏହି ରାସ୍ତା କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ, ପୁରୁଣା ସହର ପରି ଗୁରୁତ୍ୱ ପୂର୍ଣ୍ଣଯାଗାକୁ ପାଇଁ ମୁଖ୍ୟ ରାସ୍ତା ହୋଇଥିବା ଯୋଗୁ ଏହି ରାସ୍ତାରେ ପ୍ରତିଦିନ ଜିଲ୍ଲା ତଥା ଜିଲ୍ଲାବାହାରୁ ଓ ପଡୋଶୀ ଝାଡାଖଣ୍ଡ ରୁ ଶହ ଶହ ରୋଗୀ ଏଠାକୁ ଚିକିତ୍ସା ହେବା ପାଇଁ ଆସୁଥିବା ବେଳେ ସେମାଙ୍କୁ ଏହି ଆବର୍ଜନା ପୂର୍ଣ୍ଣ ରାସ୍ତାଦେଇ ଯିବାକୁ ପଡୁଥିବାରୁ ଅଧିକ ସଂକ୍ରମିତ ହେବାର ଆଶଙ୍କ ବଢି ଯାଇଛି । ଯାହାକୁନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଆବର୍ଜନା ସବୁ ପୂଜା କମିଟି ଓ ପୌରପାଳିକା ଦ୍ୱାରା ସଫା କରାଯିବା ର ଥିଲେ ମଧ୍ୟ ଉଭୟ ସାଜିଛନ୍ତି ନିରବ ଦ୍ରଷ୍ଟା। ପୌରପାଳିକା ସ୍ୱଚ୍ଛଭାରତ ର ଡିମଡିମ ପିଟୁଥିବା ବେଳେ ତାହା କେବଳ ପ୍ରଚାର ପ୍ରଶାର ରେ ସୀମିତ ଥିବାପରି ମନେହେଉଛି। କମିଟି ମାନେ ମଧ୍ୟ ସଫେଇ ପ୍ରତି ଦୃଷ୍ଟି ଦେଉନାହାନ୍ତି ଯାହାଫଳରେ ଯାହାଫଳରେ ଏହି ଅଂଚଳ ଆବର୍ଜନା କୁଢ଼ ଗଦାହୋଇ ରହିଛି ଓ ସଂକ୍ରମଣ କୁ ଆମନ୍ତ୍ରଣ ଦେଉଛି। ଯଥା ଶୀଘ୍ର ଏହି ଆବର୍ଜନା କୁ ସଫା କରି ବ୍ଲିଚିଙ୍ଗ ପାଉଡର ପକାଇବା ପାଇଁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଦାବି ହୋଇଛି।

## ସନ୍ତୋଷଙ୍କ ପଦବୀ ପ୍ରତ୍ୟାହାର ପଛରେ ଷଡଯନ୍ତ୍ର ଅଭିଯୋଗ କଲେ ବିଜେଡି ଜିଲ୍ଲା ଉପସଭାପତି

ପାରାଦୀପ /କୁଜଙ୍ଗ, (ମହାଭାରତ) : ଗତ ୮ରେ ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଦଳୀୟ ମୁଖ୍ୟ କାର୍ଯ୍ୟାଳୟ ଶଂଖଭବନରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଯେଉଁ ଦଳୀୟ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା ସେଥିରେ ରାଜ୍ୟ ସଂପାଦକ ଭାବରେ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକଙ୍କ ନାମ ରହିଥିବାର ଦୁଇଦିନ ପରେ ପୁନର୍ବାର ଆଉଏକ ପ୍ରେସ୍ ବିଜ୍ଞପ୍ତିରେ ସନ୍ତୋଷ ପଟ୍ଟନାୟକ ଖରିଆର ବୋଲି ସ୍ପଷ୍ଟିକରଣ ପଛରେ ଷଡଯନ୍ତ୍ରର ଗନ୍ଧଥିବା ସଂଦେହ କରିଛନ୍ତି ଜଗତସିଂହପୁର ଜିଲ୍ଲା ବିଜେଡି ଉପସଭାପତି କବି ପୀତାମ୍ବର ତରାଇ। ସେ କହିଛନ୍ତି ପାରାଦ୍ୱୀପ-କୁଜଙ୍ଗ ଅଞ୍ଚଳର ପ୍ରଭାବଶାଳୀ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ ଗତଥର ଦଳ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଦଳ ସଂପାଦକ ଭାବେ ନିଯୁକ୍ତ ପାଇଥିବା ବେଳେ ଚଳିତଥର କର୍ମକର୍ତ୍ତା ଘୋଷଣାନାମାରେ ସନ୍ତୋଷ ପଟ୍ଟନାୟକଙ୍କ ନାମକୁ ଶୁଭେଚ୍ଛୁ,ଦଳୀୟ କର୍ମୀ, ସମର୍ଥକ ସ୍ୱାଭାବିକ୍ ଭାବେ ଗ୍ରହଣ କରି ଶ୍ରୀ ପଟ୍ଟନାୟକଙ୍କୁ ବାଣ ଫୁଟାଇ ଶୁଭେଚ୍ଛା ଜଣାଇଥିଲେ। ଏକ ଶୋଭାଯାତ୍ରାରେ ମଧ୍ୟ ପୂର୍ବତନ ବିଧାୟକ ସମ୍ପିତ ରାଉତରାୟ, ଶ୍ରମିକନେତା ବାପି ସର୍ଖେଲ ସମେତ ବହୁ ନେତା ସନ୍ତୋଷ ପଟ୍ଟନାୟକଙ୍କ ସହ ବଜାର ପରିକ୍ରମାର ଅଳ୍ପଦିନ ବ୍ୟବଧାନରେ ଦଳର ସମ୍ପାଦକ ଖରିଆର ସନ୍ତୋଷ ପଟ୍ଟନାୟକଙ୍କ ନାମରେ ଏକ ସ୍ୱତନ୍ତ୍ର ବିଜ୍ଞପ୍ତିପ୍ରକାଶ ପରେ ପାରାଦ୍ୱୀପର ସନ୍ତୋଷ ପଟ୍ଟନାୟକଙ୍କ ଶୁଭେଚ୍ଛୁ ମାନଙ୍କୁ ହତାଶ କରିଛି।ଏଭଳି ଅପ୍ରତ୍ୟାଶିତ ଭାବରେ ଅପମାନଜନକ ଘଟଣା କାହାର କଳ୍ପନାରେ ନଥିଲା,ଏହାକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି ସନ୍ତୋଷଙ୍କ ସମର୍ଥକ ମାନେ। ଏ ସଂପର୍କରେ ଶ୍ରୀ ତରାଇ କହିଛନ୍ତି, ୮ ତାରିଖରେ ଶଂଖଭବନରୁ ପ୍ରେସ୍ ବିଜ୍ଞପ୍ତିରେ ଯଦି କର୍ମକର୍ତ୍ତାଙ୍କ ଠିକଣାର ସୂଚନା ପ୍ରଦାନ କରାଯାଇଥାନ୍ତା,ତାହେଲେ ପ୍ରକୃତ ସନ୍ତୋଷ ପଟ୍ଟନାୟକ କେଉଁ ଅଂଚଳର ବୋଲି ସ୍ପଷ୍ଟ ହୋଇଥାନ୍ତା। ଶଂଖଭବନ କାର୍ଯ୍ୟାଳୟର ଦୂରଦୃଷ୍ଟିର ଅଭାବ ନା ସନ୍ତୋଷ ପଟ୍ଟନାୟକଙ୍କୁ ପଦବୀରୁ ହଟାଇବା ପାଇଁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଷଡଯନ୍ତ୍ର କାର୍ଯ୍ୟ କରିଛି, ତାହାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି ଶ୍ରୀ ତରାଇ। ଦଳର କାର୍ଯ୍ୟକାରୀ ସଭାପତି ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଭାବନୀୟ ଘଟଣାରେ ହସ୍ତକ୍ଷେପ କରିବାକୁ ସେ ଅନୁରୋଧ କରିଛନ୍ତି ।ନଚେତ୍ ଦଳ ପାଇଁ ଭବିଷ୍ୟତରେ ଏହା ସମାସ୍ୟା ସୃଷ୍ଟି କରିବ ବୋଲି ସତର୍କ କରିଛନ୍ତି।

## ନୂଆପଡା ମହିଳାଙ୍କୁ ଶକ୍ତିହୀନ କରି ସୁଭଦ୍ରା ଶକ୍ତି ସମାବେଶ କରୁଛନ୍ତି: କଂଗ୍ରେସ




ନୂଆପଡା, (ମହାଭାରତ) : ପ୍ରଥମ ଥର ନୂଆପଡ଼ା ଗସ୍ତରେ ଆସିଥିବା ବିଜେପି ନେତ୍ରୀ ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ସୁଭଦ୍ରା ଯୋଜନାକୁ ନେଇ ଭ୍ରମାତ୍ମକ ତଥ୍ୟ ଏବଂ ବକ୍ତବ୍ୟ ରଖିଛନ୍ତି। ତାହାକୁ କଂଗ୍ରେସ ନିନ୍ଦା କରୁଛି ବୋଲି ଆଜି ନୂଆପଡ଼ାର ଖୁଣ୍ଟିଆ ଭବନ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ଶ୍ରୀମତୀ ସୋନାଲି ସାହୁ ପ୍ରକାଶ କରିଛନ୍ତି। ସେ କହିଛନ୍ତି ବର୍ତ୍ତମାନ ନୂଆପଡ଼ାରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହେବାପରେ ସୁଭଦ୍ରା ଶକ୍ତି ସମାବେଶ ନାଁରେ ଦଳୀୟ କାର୍ଯ୍ୟାଳୟରେ ଏବଂ ଦଳୀୟ ବ୍ୟାନର ରେ ଯେଉଁଭଳି ଭାବରେ ମହିଳାମାନଙ୍କୁ ନେଇ ସମାବେଶ କରାଗଲା ତାହା ନିଶ୍ଚିତ ଭାବରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲଘଂନ କରିଛି। ଆମେ ମଧ୍ୟ ଏହି ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛୁ। ସୁଭଦ୍ରା ଯୋଜନା ନାମରେ ଭୋଟ ଲୁଟ କରିବା ବିଜେପିର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି । ୨୦୧୯ ନିର୍ବାଚନରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଜଣକୁ ୫୦ ହଜାର ଏକ କାଳୀନ ମିଳିବ ବୋଲି ମହିଳାଙ୍କୁ ଦଳ ପକ୍ଷରୁ ପ୍ରତିଶ୍ରୁତି ଦେଇଥିଲେ। ବିଜେପି ସରକାରକୁ ଆସିଲା ପରେ ଥରକୁ ୫୦ ହଜାର ସ୍ଥାନରେ ୬ ମାସକୁ ୫ ହଜାର କିସ୍ତି ହୋଇଗଲା । ତାହା ପୁଣି ସରକାରଙ୍କ ପାଖରେ ପଇସା ନାହିଁ ଯେ, ୬୦ ବର୍ଷର ମହିଳା, ଯାହା ଘରେ ୨ ଚକିଆ ଜାନ ଅଛି ଏବେ ପୁଣି ୧୮ ହଜାର ଛାତ୍ରବୃତ୍ତି ପାଉଥିବା ଏସସି ଏସଟି ଛାତ୍ରୀଙ୍କୁ ବଞ୍ଚିତ କରାଯାଇଛି । ନୂଆପଡା ଜିଲ୍ଲାରୁ କେବଳ ୨୦ ହଜାର ଛାତ୍ରୀଙ୍କୁ ସରକାର ଏହି ସୁଭଦ୍ରା ଯୋଜନାରୁ ବଞ୍ଚିତ କରୁଥିବା ଆକଳନ କରାଯାଉଛି। ନୂଆପଡା ମହିଳାଙ୍କୁ ଶକ୍ତିହୀନ କରି ନୂଆପଡାରେ ସୁଭଦ୍ରା ଶକ୍ତି ସମାବେଶ କରିବାକୁ ଉପ ମୁଖ୍ୟମନ୍ତ୍ରୀ ପ୍ରତିଭା ପରିଡ଼ାଙ୍କୁ କେମିତି ଲଜ୍ୟା ଲାଗୁନି ! ରାସ୍ତା କଡରେ ବଡ଼ ହୋର୍ଡି, ବସରେ, ଅଟୋରେ ଚାରିଆଡେ ପୋଷ୍ଟର ମାରି ପ୍ରତାରଣା କରୁଛନ୍ତି । ଯେଉଁ ସରକାର ବେଟୀ ବଚାଓ ବେଟୀ ପଢ଼ାଓରେ ନାରା ଦେଉଛି ତାଙ୍କ ଶାସିତ ରାଜ୍ୟ ଓଡ଼ିଶାରେ ଦିନକୁ ପ୍ରାୟ ୩୦ ଗୋଟି ଦୁଷ୍କର୍ମ ଓ ଗଣଦୁଷ୍କର୍ମ ହେଉଛି । ବୋଧହୁଏ ଡବଲ ଇଞ୍ଜିନ ତେଣୁ ଦୁଷ୍କର୍ମ ମଧ୍ୟ ଡବଲ ହେଉଛି । ଓଡ଼ିଶାରେ ବିଜେପି ସରକାର ସୁଭଦ୍ରା ନାମରେ କିଭଳି ଓଡ଼ିଆ ମହିଳାଙ୍କୁ ବୋକା ବନାଉଛି ଦେଖନ୍ତୁ । ଏହି ଯୋଜନାରେ ଦିଲ୍ଲୀରେ ମହିଳାଙ୍କୁ ୨୫୦୦ ଟଙ୍କା ମିଳୁଥିବାବେଳେ ମଧ୍ୟପ୍ରଦେଶରେ ୧୨୫୦, ମହାରାଷ୍ଟ୍ରରେ ୧୩୦୦, ଝାଡ଼ଖଣ୍ଡରେ ୩୩୦୦, ପଶ୍ଚିମବଙ୍ଗରେ ୧୨୦୦, ଆନ୍ଧ୍ରରେ ୧୨୫୦, ତାମିଲନାଡୁରେ ୧୦୦୦, ଆସାମରେ ୧୨୫୦ ଓ ଛତିଶଗଡରେ ୧୦୦୦ ଟଙ୍କା ମିଳୁଛି କିନ୍ତୁ ଓଡ଼ିଶାର ମହିଳା ମାନଙ୍କୁ ମାତ୍ର ୮୩୩ ଟଙ୍କା ମିଳୁଛି । ଓଡ଼ିଶାର ମହିଳା କଣ ଅପାରଗ ନା କୌଣସି ଯୋଗ୍ୟତା ନାହିଁ ଯେ ସରକାର ୧୦୦୦ ଟଙ୍କା ମଧ ଦେଇ ପାରିଲା ନାହିଁ। କଂଗ୍ରେସ ନିଜ ପାଇଁ ନୁହଁ ନୂଆପଡାର ଛାତ୍ରୀ ସମାଜ, ଆଦିବାସୀ ମହିଳା ଏବଂ ସମ୍ପୂର୍ଣ୍ଣ ମହିଳା ସମାଜ ତରଫରୁ ପ୍ରଶ୍ନ ପଚାରୁଛି । ସୁଭଦ୍ରା ନାମରେ ଠକାମୀ କାହିଁକି ? କାହିଁକି ଆମ ୨୦ ହଜାର ଛାତ୍ରୀଙ୍କୁ ତାଙ୍କ ସୁଭଦ୍ରା ଅଧିକାରରୁ ବଞ୍ଚିତ କରାଗଲା ବୋଲି ପିସିସି ମୁଖପାତ୍ର ଶ୍ରୀମତୀ ସାହୁ ପ୍ରକାଶ କରିଛନ୍ତି। ଅନ୍ୟତମ ମୁଖପାତ୍ର ଡ. ମନିଷା ଦାସ ପଟ୍ଟନାୟକ କହିଥିଲେ ଶାସକ ଦଳ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲଂଘନ କରୁଛନ୍ତି । ଖୋଦ୍ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ସରକାରୀ ସୁଭଦ୍ରା ଯୋଜନାକୁ ମହିଳାଙ୍କୁ ପ୍ରତାରଣା କରୁଛନ୍ତି। ଖାଲି ସେତିକି ନୁହେଁ ନିଜର ଦଳୀୟ ପ୍ରଚାର ପ୍ରସାର ପାଇଁ ଲୋକ ସମ୍ପର୍କ ବିଭାଗକୁ ମଧ୍ୟ ଲଗାଇଛନ୍ତି । ତେଣୁ ସରକାର ଏହାର ଜବାବ୍ ରଖିବା ପାଇଁ ସେ ଦାବୀ ରଖିଥିଲେ । ଆଜିର ସାମ୍ବାଦିକ ସମ୍ମିଳନୀକୁ ସଂଯୋଜନା କରିଥିଲେ ନୂଆପଡ଼ା କଂଗ୍ରେସ କମିଟି ଗଣମାଧ୍ୟମ ସଂଯୋଜକ ସୁଧୀର ମିଶ୍ର।

## ପ୍ରଶାନ୍ତ କିଶୋରଙ୍କୁ ନୋଟିସ୍, ଦୁଇଟି ରାଜ୍ୟର ଭୋଟର ତାଲିକାରେ ରହିଛି ନାଁ

ବିହାର : ବିହାର ଇଲେକ୍ସନ ରାଜନୈତିକ ରଣନୀତିକାରରୁ ରାଜନେତା ବନିଥିବା ପ୍ରଶାନ୍ତ କିଶୋରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ନିର୍ବାଚନ କମିସନ। ଦୁଇଟି ରାଜ୍ୟ ବିହାର ଓ ପଶ୍ଚିମବଙ୍ଗର ଭୋଟର ତାଲିକାରେ ନାଁ ଥିବାରୁ ତାଙ୍କୁ ଏହି ନୋଟିସ ଜାରି କରାଯାଇଛି । ସୂଚନାଯୋଗ୍ୟ ଯେ ବିହାରର ସାସାରାମର ରିଟର୍ଣ୍ଣିଂ ଅଫିସର ପ୍ରଶାନ୍ତ କିଶୋରଙ୍କୁ ଏକ ନୋଟିସ ଜାରି କରିଛନ୍ତି, ତାଙ୍କ ପକ୍ଷ ଉପସ୍ଥାପନ କରିବାକୁ ତାଙ୍କୁ ତିନି ଦିନ ସମୟ ଦେଇଛନ୍ତି। ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ରଜଡ) ପ୍ରଶାନ୍ତ କିଶୋରଙ୍କୁ ଏକ ନୋଟିସ ପଠାଇଛନ୍ତି କାରଣ ତାଙ୍କ ନାମ ଦୁଇଟି ଭିନ୍ନ ସ୍ଥାନ, ବିହାର ଏବଂ ପଶ୍ଚିମବଙ୍ଗର ଭୋଟର ତାଲିକାରେ ପଞ୍ଜିକୃତ ହୋଇଥିବା ଜଣାପଡିଛି। ତାଙ୍କୁ ତିନି ଦିନ ମଧ୍ୟରେ ଏହି ଦୁଇଥର ନାମଲେଖା ପାଇଁ ସ୍ପଷ୍ଟୀକରଣ ଦେବାକୁ କୁହାଯାଇଛି। ଅନ୍ୟପକ୍ଷରେ, କୋଲକାତାର ରିଟର୍ଣ୍ଣିଂ ଅଫିସର କହିଛନ୍ତି ଯେ ସରକାରୀ ରେକର୍ଡ ଅନୁଯାୟୀ, ପଶ୍ଚିମବଙ୍ଗରେ ଭୋଟର ଭାବରେ ପଞ୍ଜିକୃତ କିଶୋରଙ୍କ ଠିକଣା ୧୨୧, କାଲିଘାଟ ରୋଡ୍ ଭାବରେ ତାଲିକାଭୁକ୍ତ, ଯାହା କୋଲକାତାର ଭବାନୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ତୃଣମୂଳ କଂଗ୍ରେସ ମୁଖ୍ୟାଳୟର ଠିକଣା। ଭବାନୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ହେଉଛି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଏବଂ ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀଙ୍କ ନିର୍ବାଚନ ମଣ୍ଡଳୀ। ଅଧିକାରୀ କହିଛନ୍ତି, 'ତାଙ୍କର ମତଦାନ କେନ୍ଦ୍ର ସେଣ୍ଟ ହେଲେନ୍ ସ୍କୁଲ, ବି. ରାଣୀଶଙ୍କରୀ ଲେନ୍ ଭାବରେ ତାଲିକାଭୁକ୍ତ।'

## ଚଳନ୍ତା ବସରେ ନିଆଁ : ୨ ମୃତ


ଜୟପୁର : ମନୋହରପୁର ଥାନା ଅଞ୍ଚଳରେ ଭୟଙ୍କର ଦୁର୍ଘଟଣା ଘଟିଛି । ଶ୍ରମିକ ଭର୍ତ୍ତି ବସ୍ ହାଇଟେସନ୍ ଲାଇନ୍ ସଂସ୍ପର୍ଶରେ ଆସିବା ପରେ ବିଦ୍ୟୁତ୍ ଆଘାତ ଲାଗି ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୨ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୧୨ ଜଣ ଶ୍ରମିକ ଆହତ ହୋଇଛନ୍ତି । ଶ୍ରମିକ ଭର୍ତ୍ତି ବସଟି ଉତ୍ତରପ୍ରଦେଶରୁ ମନୋହରପୁର ଆସୁଥିବା ବାଟରେ ଏପରି ଅଘଟଣ ଘଟିଥିବା ଜଣାପଡିଛି । ଏହି ଅଘଟଣ ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା । ସୂଚନାନୁଯାୟୀ, ଶ୍ରମିକ ଭର୍ତ୍ତି ବସଟି ଉତ୍ତରପ୍ରଦେଶରୁ ମନୋହରପୁରର ଟୋଡି ସ୍ଥିତ ଇଟା ଭାଟିକୁ ଆସୁଥିଲା । ସେହି ବାଟରେ ଆସୁଥିଲାବେଳେ ବସ୍ ଉପର ଦେଇ ଯାଇଥିବା ୧୧ ହଜାର ଭୋଲ୍ଟର ତାର ଲାଗି କରେଣ୍ଟ ମାରିବା ସହ ସ୍ପାର୍କିଂରେ ନିଆଁ ଲାଗିଯାଇଥିଲା । ସୂଚନା ପାଇ ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏଥି ସହିତ ଆହତଙ୍କୁ ଶାହପୁରା ଉପ- ଜିଲ୍ଲା ହସ୍ପିଟାଲକୁ ପଠାଇଥିଲେ । ସେହି ଆହତମାନଙ୍କ ମଧ୍ୟରୁ ୫ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜୟପୁରକୁ ରେଫର କରାଯାଇଥିଲା । ଅନ୍ୟପଟେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହାରି ମଧ୍ୟରେ ପୋଲିସ ମୃତକଙ୍କ ମୃତଦେହକୁ ପୋଷ୍ଟମର୍ଟମ କରିବାକୁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ବିଶାଖାପାଟଣା ବିମାନବନ୍ଦରରୁ ୩୨ ଉଡ଼ାଣ ବାତିଲ



ବିଶାଖାପାଟଣା : ବାତ୍ୟା ମୋନ୍ଥା ଯୋଗୁଁ ପ୍ରଭାବିତ ବିମାନ ସେବା । ବିଶାଖାପାଟନମ ବିମାନ ବନ୍ଦରରୁ ଉଡ଼ାଣ ଭରିବାକୁ ଥିବା ୩୨ ବିମାନ ଉଡ଼ାଣ ବାତିଲ କରାଯାଇଛି । ବିଶାଖାପାଟନମ ବିମାନବନ୍ଦରର ନିର୍ଦ୍ଦେଶକ ଏନ. ପୁରୁଷୋତ୍ତମ କହିଛନ୍ତି, ୨୭ ଅକ୍ଟୋବରରୁ ଏୟାର ଇଣ୍ଡିଆ ଏକ୍ସପ୍ରେସର ଦୁଇଟି ବିମାନ ଉଡ଼ାଣ ରଦ୍ଦ ହୋଇଛି । ପ୍ରତିଦିନ ୩୦ ରୁ ୩୨ ବିମାନ ଉଡ଼ାଣ ହୋଇଥାଏ । ଏଥିରେ ଘେରାଇ ଏବଂ ଅର୍ନ୍ତଜାତୀୟ ବିମାନ ସେନା ଅର୍ନ୍ତଭୁକ୍ତ । ଆଜି ବି ସମସ୍ତ ଉଡ଼ାଣ ରଦ୍ଦ କରାଯାଇଛି । ଏଏଆଇ ଗାଇଡଲାଇନ ଅନୁସାରେ, ବାତ୍ୟା ମୋନ୍ଥା ଯୋଗୁଁ ବର୍ତ୍ତିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି । ସେହିଭଳି ବିଜୟୱାଡା ବିମାନବନ୍ଦରରୁ ୧୬ଟି ବିମାନ ଉଡ଼ାଣ ବାତିଲ କରାଯାଇଛି । ବିଜୟୱାଡା ବିମାନବନ୍ଦରର ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ରେଡ୍ଡୀ କହିଛନ୍ତି, ବିଶାଖାପାଟଣା ପାଇଁ କେବଳ ଗୋଟିଏ ଉଡ଼ାଣ ବାତିଲ କରାଯାଇଛି । କିନ୍ତୁ ଆଜି ଦିଲ୍ଲୀ, ମୁମ୍ବାଇ ସମେତ ଦେଶର ଅନ୍ୟ ସ୍ଥାନକୁ ମଧ୍ୟ ୧୬ଟି ଉଡ଼ାଣ ବାତିଲ କରାଯାଇଛି । ତିରୁପତି ବିମାନବନ୍ଦରରୁ ୪ଟି ଉଡ଼ାଣ ବାତିଲ କରାଯାଇଛି । ବାତ୍ୟା ମୋନ୍ଥା ଯୋଗୁଁ ଦକ୍ଷିଣ ମଧ୍ୟ ରେଲୱେ ଜୋନରେ ୨୭ ଅକ୍ଟୋବରରେ ୧୨୦ ଟ୍ରେନ ରଦ୍ଦ କରାଯାଇଛି । ଆଜି ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶର ସମୁଦ୍ର ତଟରେ ଲ୍ୟାଣ୍ଡଫଲ କରିବ ।

## ଦିଲ୍ଲୀ ଏୟାରପୋର୍ଟରେ ବଡ଼ ଦୁର୍ଘଟଣା



ନୂଆଦିଲ୍ଲୀ : ଦିଲ୍ଲୀ ଏୟାରପୋର୍ଟରେ ଜଳିଲା ବସ୍ । ଦିଲ୍ଲୀ ବିମାନବନ୍ଦରରେ ଟର୍ମିନାଲ ୩ରେ ଥିବା ଏକ ବସ୍ ଜଳିଯାଇଛି । ବିମାନବନ୍ଦରର ଟର୍ମିନାଲ ୩ରେ ଏକ ଏୟାର ଇଣ୍ଡିଆ ବସରେ ନିଆଁ ଲାଗିଛି । ତୁରନ୍ତ ଘଟଣା ସ୍ଥଳରେ ଅଗ୍ନିଶମ ଟିମ ପହଞ୍ଚି ନିଆଁକୁ ଆୟତ୍ତ କରାଯାଉଛି ।

ତେବେ ଘଟଣା ଘଟିବା ବେଳେ କେହି ବସରେ ନଥିଲେ । ବସରେ ନିଆଁ ଲାଗିବା ବେଳର ଭିଡିଓ ଭାଇରଲ ହେଉଛି । ବସ୍ଟି ଏୟାର ଇଣ୍ଡିଆ ଝଞ୍ଜଝ ଏୟାରପୋର୍ଟ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ହେଉଥିଲା । ତେବେ ଏହି ଘଟଣାକୁ ନେଇ ଏୟାର ଇଣ୍ଡିଆ ପକ୍ଷରୁ କେ ?ଣସି ପ୍ରତିକ୍ରିୟା ରଖାଯାଇନାହିଁ ।

# ସୁଦାନ ନରସଂହାରରେ ବ୍ରିଟିଶ ଅସ୍ତ୍ରଶସ୍ତ୍ରର ବ୍ୟବହାର, ୟୁଏଇ ଅସ୍ତ୍ରଶସ୍ତ୍ର ଯୋଗାଇଥିବା ଅଭିଯୋଗ

ନ୍ୟୁୟର୍କ: ଜାତିସଂଘ ଦ୍ୱାରା ପ୍ରାପ୍ତ ତଥ୍ୟଗୁଡ଼ିକରୁ ଜଣାପଡିଛି ଯେ, ସୁଦାନର ଏକ ଅର୍ଦ୍ଧସାମରିକ ବାହିନୀ, ଆରଏସଏଫ, ବ୍ରିଟିଶ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିଲା। ଏହି ଉପକରଣଗୁଡ଼ିକ ବ୍ରିଟେନରୁ ୟୁଏଇକୁ ବିକ୍ରି କରାଯାଇଥିଲା କିନ୍ତୁ ଶେଷରେ ଆରଏସଏଫ ପାଖରେ ପହଞ୍ଚିଥିଲା। ଏହି ବିବାଦ ବ୍ରିଟେନର ଅସ୍ତ୍ରଶସ୍ତ୍ର ରପ୍ତାନି ନୀତି ଏବଂ ଅନ୍ତର୍ଜାତୀୟ ଆଇନର ପାଳନ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଜାତିସଂଘ ସୁରକ୍ଷା ପରିଷଦ ଦ୍ୱାରା ପ୍ରାପ୍ତ ତଥ୍ୟ ଗୁଡ଼ିକରୁ ଜଣାପଡିଛି ଯେ ସୁଦାନରେ ଚାଲିଥିବା ଗୃହଯୁଦ୍ଧରେ ବ୍ରିଟିଶ ନିର୍ମିତ ସାମରିକ ଉପକରଣ ବ୍ୟବହାର କରାଯାଉଛି। ଏହି ଉପକରଣ ଗଣହତ୍ୟା ଏବଂ ଯୁଦ୍ଧ ଅପରାଧର ଅଭିଯୁକ୍ତ ଏକ ଅର୍ଦ୍ଧସାମରିକ ଗୋଷ୍ଠୀ ରାପିଡ୍ ସପୋର୍ଟ ଫୋର୍ସ (ଜଝଉ) ପାଖରେ ମିଳିଥିଲା। ସୁଦାନ ସଶସ୍ତ୍ର ବାହିନୀ ଏବଂ ରାପିଡ୍ ସପୋର୍ଟ ଫୋର୍ସ ମଧ୍ୟରେ ଏପ୍ରିଲ ୨୦୨୩ରେ ସଂଘର୍ଷ ଆରମ୍ଭ ହୋଇଥିଲା। ଏହି ତଥ୍ୟ ଗୁଡ଼ିକ ଦର୍ଶାଉଛି ଯେ ସୁଦାନର ଯୁଦ୍ଧ କ୍ଷେତ୍ରରୁ ବ୍ରିଟିଶ ନିର୍ମିତ ଛୋଟ ଅସ୍ତ୍ରଶସ୍ତ୍ର ଟାର୍ଗେଟିଂ ସିଷ୍ଟମ ଏବଂ ସଶସ୍ତ୍ର ଯାନ ଇଞ୍ଜିନଗୁଡ଼ିକ ଉଦ୍ଧାର କରାଯାଇଛି। ଅଭିଯୋଗ କରାଯାଇଛି ଯେ, ଏହି ଉପକରଣଗୁଡ଼ିକ ବ୍ରିଟେନରୁ ସଂଯୁକ୍ତ ଆରବ ଏମିରେଟ୍ସକୁ ବିକ୍ରି କରାଯାଇଥିଲା, କିନ୍ତୁ ପରେ ଟଇର ଦ୍ୱାରା ଜଝଉକୁ ପ୍ରଦାନ କରାଯାଇଥିଲା। ତେବେ ଟଇର ଏହି ଅଭିଯୋଗକୁ ଅସ୍ୱୀକାର କରିଛି। ଏସଏଏଫ- ଆରଏସଏଫ ସଂଘର୍ଷ ଏବେ ତୃତୀୟ ବର୍ଷରେ ପହଞ୍ଚିଛି। ପ୍ରାୟ ୧୫୦,୦୦୦ ଲୋକ ପ୍ରାଣ ହରାଇଛନ୍ତି, ୧୨ ନିୟୁତ ଲୋକ ଭିଟାମାଟି ଛାଡିବାକୁ ବାଧ୍ୟ ହୋଇଛନ୍ତି। ପ୍ରାୟ ୨୫ ନିୟୁତ ଲୋକ କ୍ଷୁଧା ଏବଂ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଆରଏସଏଫ ଏବଂ ସୁଦାନୀ ସେନା ଉପରେ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିବା ଏବଂ ଯୁଦ୍ଧ ଅପରାଧ କରିବାର ଅଭିଯୋଗ ଆସିଛି।



ଜୁନ୍ ୨୦୨୪ ଏବଂ ମାର୍ଚ୍ଚ ୨୦୨୫ ତାରିଖର ଏହି ଦୁଇଟି ରିପୋର୍ଟ ସୁରକ୍ଷା ପରିଷଦରେ ଦାଖଲ କରାଯାଇଥିଲା। ଏଥିରେ କୁହାଯାଇଛି ଯେ ଟଇର ଜଝଉକୁ ବ୍ରିଟିଶ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଛି। ରିପୋର୍ଟଗୁଡ଼ିକରେ ସୁଦାନର ରାଜଧାନୀ ଖାର୍ଟୁମ୍ ଏବଂ ନିକଟସ୍ଥ ଓମଡୁରମାନ ସହରରେ ଉଠାଯାଇଥିବା ଫଟୋଗ୍ରାଫ୍ ଅନ୍ତର୍ଭୁକ୍ତ। ଚିତ୍ରଗୁଡ଼ିକରେ ଦେଖାଯାଉଥିବା ଉପକରଣଗୁଡ଼ିକ ମିଲିଟେକ୍ ନାମକ ଏକ ବ୍ରିଟିଶ କମ୍ପାନିର ଲେବଲ୍ ରହିଛି। ଯାହା ଛୋଟ ଅସ୍ତ୍ରଶସ୍ତ୍ର ତାଲିମ ଏବଂ ଟାର୍ଗେଟିଂ ସିଷ୍ଟମ ନିର୍ମାଣ କରିଥାଏ। ବ୍ରିଟିଶ ସରକାରଙ୍କ ରେକର୍ଡ ଅନୁଯାୟୀ, ଜାନୁଆରି ୨୦୧୫ ରୁ ସେପଟ୍ଟେମ୍ବର ୨୦୨୪ମଧ୍ୟରେ ଟଇରକୁ ସାମରିକ ତାଲିମ ଉପକରଣ ରପ୍ତାନି କରିବା ପାଇଁ ୨୬ଟି ଲାଇସେନ୍ସ ପ୍ରଦାନ କରାଯାଇଥିଲା। ଗସକ୍ଷସତ୍ବରମ ସମେତ ଚଉଦଟି କମ୍ପାନି ଏଥିରେ ସାମିଲ ଥିଲେ। କେଉଁ କମ୍ପାନି କେଉଁ ଲାଇସେନ୍ସ ପାଇଛି ତାହା ସରକାର ପ୍ରକାଶ କରି ନଥିଲେ। ସବୁଠାରୁ ଚିନ୍ତାର ବିଷୟ ହେଉଛି, ଜାତିସଂଘ ଏହାର ପ୍ରମାଣ ୨୭ ସେପଟ୍ଟେମ୍ବର, ୨୦୨୪ ରେ ପାଇଥିଲା। ମାତ୍ର ତିନି ମାସ ପରେ, ୟୁକେ ସମାନ ଉପକରଣ ପାଇଁ ୟୁଏଇକୁ ଏକ 'ଖୋଲା ବ୍ୟକ୍ତିଗତ ରପ୍ତାନି ଲାଇସେନ୍ସ' ଜାରି କରିଥିଲା। ଏହି ଲାଇସେନ୍ସରେ ସାମଗ୍ରୀର ଉଦ୍ଦେଶ୍ୟମୂଳକ ବ୍ୟବହାର ସମ୍ପର୍କରେ କୌଣସି ରପ୍ତାନି ସୀମା ନାହିଁ।

ବ୍ରିଟିଶ ଆଇନ ସ୍ପଷ୍ଟ ଭାବରେ କହିଛି ଯେ, ଯଦି ଅସ୍ତ୍ରଶସ୍ତ୍ରର ଅପବ୍ୟବହାର କିମ୍ବା ବେଆଇନ ବ୍ୟବହାରର ବିପଦ ଥାଏ, ତେବେ ସେଗୁଡ଼ିକୁ ରପ୍ତାନି କରାଯିବା ଉଚିତ୍ ନୁହେଁ। ୟୁଏଇ ଲିବିୟା ଏବଂ ୟେମେନ ଭଳି ଦେଶଗୁଡ଼ିକୁ ଅସ୍ତ୍ରଶସ୍ତ୍ର ପରିବହନ କରିବାର ଇତିହାସ ରଖିଛି, ଯେଉଁଠାରେ ଜାତିସଂଘ ଅସ୍ତ୍ରଶସ୍ତ୍ର ପ୍ରତିବନ୍ଧକ ଜାରି ରହିଛି। ସୁଦାନରେ ନିରୀହ ଲୋକଙ୍କ ବିରୁଦ୍ଧରେ ବ୍ରିଟିଶ ପ୍ରଯୁକ୍ତିବିଦ୍ୟା କିମ୍ବା ଅସ୍ତ୍ରଶସ୍ତ୍ର ବ୍ୟବହାର ନ ହେବା ନିଶ୍ଚିତ କରିବା ପାଇଁ ବ୍ରିଟେନରେ ରହୁଥିବା ଦାରଫୁର ବଂଶୋଦ୍ଭବ ଲୋକମାନେ ମଧ୍ୟ ସମ୍ପୂର୍ଣ୍ଣ ଘଟଣାର ସ୍ୱାଧୀନ ତଦନ୍ତ ଦାବି କରିଛନ୍ତି।

## କର୍ଣ୍ଣାଟକ ସରକାରକୁ ହାଇକୋର୍ଟ ଝଟକା

ବେଙ୍ଗାଲୁରୁ: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ରଏସ୍ଏସ୍)ର ବିଭିନ୍ନ କାର୍ଯ୍ୟକ୍ରମ ଓ ସଭାସମିତି ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ କର୍ଣ୍ଣାଟକ ସରକାର ନେଇଥିବା ନିଷ୍ପତ୍ତି ଉପରେ ଆଜି ହାଇକୋର୍ଟ ରୋକ୍ ? ଲଗାଇଛନ୍ତି। ସରକାରଙ୍କ ଏଭଳି ଆଭିମୁଖ୍ୟ ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ବୋଲି ଦର୍ଶାଇ କୋର୍ଟ ଭର୍ତ୍ସନା କରିଛନ୍ତି। ହାଇକୋର୍ଟ ସରକାରଙ୍କ ଏହି ପଦକ୍ଷେପ ଉପରେ କଡ଼ା ପ୍ରଶ୍ନ ଉଠାଇଛନ୍ତି ଏବଂ ଏଭଳି ଅଧିକାର ସରକାରଙ୍କୁ କିଏ ଦେଲା ବୋଲି ପ୍ରଶ୍ନ କରିଛନ୍ତି । ସୂଚନାଯୋଗ୍ୟ, ଆରଏସ୍ଏସ୍ ବିରୋଧରେ ରାଜ୍ୟ ସରକାରଙ୍କ ଆକ୍ରୋଶମୂଳକ ପଦକ୍ଷେପ ନେଇ ବିଭିନ୍ନ ମହଲ କଡ଼ା ସମାଲୋଚନା ଜାରି ରଖିଥିବା ବେଳେ ଆଜି ହାଇକୋର୍ଟଙ୍କ ଏହି ରାୟ କଂଗ୍ରେସ ସରକାର ପାଇଁ ବକା ବୋଲି ବିବେଚନା କରାଯାଉଛି। ସୂଚନାଯୋଗ୍ୟ, ଗତ ୧୮




ତାରିଖରେ କର୍ଣ୍ଣାଟକ ସରକାର ଏକ ଆଦେଶ ଜାରି କରିଥିଲେ, ଯେଉଁଥିରେ ପାର୍କ, ରାସ୍ତା, ଖେଳ ପଡ଼ିଆ, ଶିକ୍ଷାନୁଷ୍ଠାନ ପରିସରରେ ଆରଏସ୍ଏସ୍ କୌଣସି କାର୍ଯ୍ୟକ୍ରମ ଆୟୋଜନ କରିପାରିବ ନାହିଁ ବୋଲି କୁହାଯାଇଥିଲା। ଏହି ଆଦେଶ ଅନୁସାରେ ଆରଏସ୍ଏସ୍ର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ରୋକ୍ ଲଗାଇବା ପାଇଁ ପୁଲିସକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏଭଳି ଆଦେଶକୁ ଅଗଣତାନ୍ତ୍ରିକ ଏବଂ ସମ୍ବିଧାନ ବିରୋଧୀ ବୋଲି ଜଷ୍ଟିସ୍ ଏମ୍. ନାଗପ୍ରସନ୍ନାଙ୍କ ନେତୃତ୍ୱାଧୀନ ବେଞ୍ଚ କହିଛନ୍ତି। ଅଦାଲତ ଆଜି ଏହି ଆଦେଶ ଉପରେ ରହିତାଦେଶ ଜାରି କରିବା ସହ ଏହା ଯେଭଳି କଡ଼ାକଡ଼ି ଭାବେ ପାଳନ ହୁଏ ସେଥିପାଇଁ ପୁଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ସଂଗଠନ ବିରୋଧରେ କୌଣସି ବଳିଷ୍ଠ ଆଧାର ନଥାଇ ଏପରି ପ୍ରତିବନ୍ଧକ ଲଗାଇବା କଦାପି ଗ୍ରହଣୀୟ ନୁହେଁ ବୋଲି କୋର୍ଟ କହିଛନ୍ତି ।

## ତୁର୍କୀରେ ଶକ୍ତିଶାଳୀ ଭୂମିକମ୍ପ

ତୁର୍କୀ: ପଶ୍ଚିମ ତୁର୍କୀରେ ଏକ ଶକ୍ତିଶାଳୀ ଭୂମିକମ୍ପ ହୋଇଛି। ଏହି ଭୂମିକମ୍ପ ଯୋଗୁଁ ପୂର୍ବ ଭୂମିକମ୍ପରେ କ୍ଷତିଗ୍ରସ୍ତ ହୋଇଥିବା ଅତି କମରେ ତିନୋଟି କୋଠା ଭୁଶୁଡ଼ି ପଡ଼ିଛି । ମୃତାହତଙ୍କ କୌଣସି ତୁରନ୍ତ ରିପୋର୍ଟ ନାହିଁ । ବିପର୍ଯ୍ୟୟ ଏବଂ ଜରୁରୀକାଳୀନ ପରିଚାଳନା ସଂସ୍ଥା, ଇରଇଉ ଅନୁଯାୟୀ, ସୋମବାର ରାତିରେ ପଶ୍ଚିମ ତୁର୍କୀରେ ୬.୧ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ



ହୋଇଥିଲା । ଏହି ଭୂମିକମ୍ପ ବାଲିକେସିର ପ୍ରଦେଶର ସିନ୍ଦିର୍ଗି ସହରରେ କେନ୍ଦ୍ରୀଭୂତ ହୋଇଥିଲା । ସ୍ଥାନୀୟ ସମୟ ରାତି ୧୦:୪୮ ମିନିଟରେ ୫.୯୯ କିଲୋମିଟର ଗଭୀରତାରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା । ଇସ୍ତାନବୁଲ ଏବଂ ଆଖପାଖ ପ୍ରଦେଶ ବୁର୍ସା, ମାନିସା ଏବଂ ଇଜମିରରେ ଅନେକ ପରବର୍ତ୍ତୀ ଝଟକା ଅନୁଭୂତ ହୋଇଥିଲା । ଗୃହମନ୍ତ୍ରୀ ଅଲି ୟେରଲିକାୟା କହିଛନ୍ତି ଯେ ସିନ୍ଦିର୍ଗିରେ ଅତି କମରେ ତିନୋଟି ଖାଲି କୋଠା ଏବଂ ଏକ ଦୁଇ ମହଲା ଦୋକାନ ଭୁଶୁଡ଼ି ପଡ଼ିଛି । ପୂର୍ବ ଭୂମିକମ୍ପରେ ଏହି କୋଠାଗୁଡ଼ିକ କ୍ଷତିଗ୍ରସ୍ତ ହୋଇସାରିଛି । ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଆତଙ୍କ ଯୋଗୁଁ ପଡ଼ିଯିବା ପରେ ଦୁଇଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏଥିସହ ଜାଣିରଖନ୍ତୁ ନ୍ଦିର୍ଗିର ଜିଲ୍ଲା ପ୍ରଶାସକ ଡୋଗୁକାନ କୋୟୁନକୁ କହିଛନ୍ତି ଯେ, ଏପର୍ଯ୍ୟନ୍ତ କୌଣସି ମୃତାହତ କିମ୍ବା ସମ୍ପତ୍ତି କ୍ଷତିର ରିପୋର୍ଟ ପାଇନାହୁଁ, କିନ୍ତୁ ଆମେ ଆମର ମୂଲ୍ୟାଙ୍କନ ଜାରି ରଖିଛୁ ।

## ବାତ୍ୟା ମୋନ୍ଥା ଲ୍ୟାଣ୍ଡଫଲ୍ କଲା, ଆନ୍ଧ୍ରରେ ନାଇଟ୍ କର୍ଫ୍ୟୁ

ଅମରାବତୀ: ବାତ୍ୟା ପାଇଁ ଲାଗିଲା ନାଇଟ୍ କର୍ଫ୍ୟୁ । ଆନ୍ଧ୍ରପ୍ରଦେଶରେ ବାତ୍ୟା ଲ୍ୟାଣ୍ଡଫଲ କରିବା ପରେ ଲାଗୁ ହେଲା ନାଇଟ୍ କର୍ଫ୍ୟୁ । ପ୍ରଭାବିତ ୭ ଜିଲ୍ଲାରେ ରାତ୍ରୀକାଳିନ କର୍ଫ୍ୟୁ ଲାଗୁ । ଏଥିସହ ବନ୍ଦ ହେଲା ଗାଡି ଚଳାଚଳ । ସମସ୍ତ ଯାତାୟତ ଉପରେ ଲାଗିଲା କଟକଣା, କେବଳ ଜରୁରୀ ସେବା ବ୍ୟତିତ ଅନ୍ୟ ସବୁରେ ଲାଗିଲା କଟକଣା। କାକିନାଡା ନିକଟରେ ସ୍ଥଳଭାଗ ଛୁଇଁଛି ବାତ୍ୟା। ୫ ଘଣ୍ଟା ଧରି ଚାଲିବ ଲ୍ୟାଣ୍ଡଫଲ୍ ପକ୍ରିୟା । ପବନ ୯୦ରୁ ୧୦୦ କିମି ବେଗରେ ବହୁଛି । ରାତି ୧୨ଟା ସୁଦ୍ଧା ଲ୍ୟାଣ୍ଡଫଲ ପ୍ରକ୍ରିୟା ସରିବ । ତେବେ ବାତ୍ୟା ଲ୍ୟାଣ୍ଡଫଲ୍ କରିବା ପରେ ଆନ୍ଧ୍ର ସରକାର ସତର୍କତାମୂଳକ ପଦକ୍ଷେପ ନେଇଛନ୍ତି । ବାତ୍ୟା ପ୍ରଭାବିତ ସାତଟି ଜିଲ୍ଲା - କୃଷ୍ଣା, ଏଲୁରୁ, ପୂର୍ବ ଗୋଦାବରୀ, ପଶ୍ଚିମ ଗୋଦାବରୀ, କାକିନାଡା, ଡକ୍ଟର ବିଆର ଆମ୍ବେଦକର କୋନାସୀମା ଏବଂ ଆଲୁରି ସୀତାରାମ ରାଜୁର କିଛି ଅଂଶରେ ଆଜି ରାତି ସାଢେ ୮ଟାରୁ ଆସନ୍ତାକାଲି ସକାଳ ୬ଟା ଯାଏଁ ନାଇଟ୍ କର୍ଫ୍ୟୁ ସହ ଯାନବାହାନ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ବାତ୍ୟା ମୋନ୍ଥାର ପ୍ରଭାବ ଏହି ଅଞ୍ଚଳଗୁଡ଼ିକରେ ଗୁରୁତର ପ୍ରଭାବ ପକାଇପାରେ । ଜିଲ୍ଲାପାଳ ଏବଂ ଏସପିଙ୍କୁ ଏହି ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ସମେତ ସମସ୍ତ ସଡ଼କରେ ପରିବହନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ଜରୁରୀକାଳୀନ ଚିକିତ୍ସା ସେବାଗୁଡ଼ିକୁ ଏହି କଟକଣାରୁ ମୁକ୍ତ ରଖାଯାଇଛି। ଲୋକଙ୍କୁ ଘର ଭିତରେ ରହିବାକୁ କୁହାଯାଇଛି । ଅନାବଶ୍ୟକ ଯାତ୍ରା ଏଡାଇବାକୁ ଏବଂ ସରକାରୀ ପରାମର୍ଶ ମାନିବାକୁ ଅନୁରୋଧ କରାଯାଇଛି ।

## ଘୂର୍ଣ୍ଣିବଳୟ 'ମେଲିସା' ଆଖିରେ ଉଡ଼ିଲା ବିମାନ

ହାଇତି: ପ୍ରକୃତିର ବିଭୀଷିକାକୁ ଭୟ ନ କରି ଆମେରିକା ବାୟୁସେନାର ଜଣେ କର୍ମଚାରୀ ଭୟଙ୍କର କାଟାଗୋରି-୫ର ସାମୁଦ୍ରିକ ଘୂର୍ଣ୍ଣିବାତ୍ୟା 'ମେଲିସା'ର ଆଖି (କେନ୍ଦ୍ରସ୍ଥଳ) ଆଡ଼କୁ ସାହସିକ ଯାତ୍ରା କରିଥିଲେ। ଏହାର ଲୋମହର୍ଷଣକାରୀ ଫୁଟେଜ୍ ଝଡ଼ର 'ଷ୍ଟାଡିୟମ୍ ଇଫେକ୍ଟ'କୁ କଏଦ କରିଥିଲା। 'ହରିକେନ୍ ହଣ୍ଟର୍ସ' ଭାବରେ ଜଣାଶୁଣା କ୍ରୁ ଜଣକ ମଙ୍ଗଳବାର ଜାମାଇକାରେ ସ୍ଥଳଭାଗ ଛୁଇଁବାକୁ ଥିବା ଝଡ଼ର ଆଖିରେ ଉଡ଼ିଥିଲେ, ଯାହା ୧୮୫୧ ମସିହାରେ ରେକର୍ଡ ରଖିବା ଆରମ୍ଭ ହେବା ପରଠାରୁ ଦ୍ୱୀପକୁ ଧକ୍କା ଦେଇଥିବା ସବୁଠାରୁ ଶକ୍ତିଶାଳୀ ଝଡ଼ ଥିଲା। ୨୦୨୫ର ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଝଡ଼ ମେଲିସା ମଙ୍ଗଳବାର ସନ୍ଧ୍ୟାରେ କ୍ୟୁବା ଅଭିମୁଖେ ଯାଉଥିଲା ଏବଂ ପରେ ବିଳମ୍ବିତ ରାତିରେ ବାହାମା ଆଡକୁ ଗତି କରିଥିଲା। କ୍ରୁଙ୍କ ଉଡ଼ାଣର ଅନେକ ଭିଡିଓ ଏକ୍ସରେ ସେୟାର କରାଯାଇଥିଲା। ପ୍ରଥମଟିରେ ବିମାନଟି ସୂର୍ଯ୍ୟୋଦୟ ପରେ ଦକ୍ଷିଣ-ପୂର୍ବ ଦିଗରୁ ଘୂର୍ଣ୍ଣିବାତ୍ୟାର କେନ୍ଦ୍ରସ୍ଥଳକୁ ପ୍ରବେଶ କରୁଥିବା ଦେଖାଯାଇଥିଲା। ଅନ୍ୟ ଏକ ଫୁଟେଜ୍ ଘୂର୍ଣ୍ଣିବାତ୍ୟାର ଆଖିକୁ କଏଦ କରିଥିଲା, ଯାହା 'ଷ୍ଟାଡିୟମ୍ ଇଫେକ୍ଟ' ପ୍ରଦର୍ଶନ କରିଥିଲା। ଏହାର ଆଖି ଆକାଶରୁ ଏକ କ୍ରୀଡା ଷ୍ଟାଡିୟମ୍ ପରି ଦେଖାଯାଉଥିଲା। କ୍ରୁ ଜଣକ ଦୁଇଟି ଅତିରିକ୍ତ ଭିଡିଓ କ୍ୟାପଚର କରିଥିଲେ, ଯେଉଁଥିରେ ଘୂର୍ଣ୍ଣିବାତ୍ୟା ମାରାତ୍ମକ ହେବା ପୂର୍ବରୁ ଏହାର ସବୁଠାରୁ ଚମତ୍କାର ରୂପରେ ଦେଖାଯାଇଥିଲା, ଯାହା ସ୍ଥଳଭାଗ ଛୁଇଁବା ସମୟରେ ବିନାଶ ସୃଷ୍ଟି କରିଥିଲା। ଶେଷ ଭିଡିଓରେ ଦେଖାଯାଇଥିଲା ଯେ, ଆମେରିକା ବାୟୁସେନାର କର୍ମଚାରୀ ଜଣକ ଘୂର୍ଣ୍ଣିବାତ୍ୟାର କେନ୍ଦ୍ରରୁ ବାହାରକୁ ଯାଉଛନ୍ତି। ଘୂର୍ଣ୍ଣିବଳୟ ଜାମାଇକାରେ ପହଞ୍ଚିବା ପରେ, ହାଇତିରେ ଅତି କମ୍ରେ ତିନି ଜଣ ଏବଂ ଡୋମିନିକାନ୍ ରିପବ୍ଲିକରେ ଚତୁର୍ଥ ବ୍ୟକ୍ତି ନିଖୋଜ ଅଛନ୍ତି। ଜାମାଇକାରେ ତିନି ଜଣଙ୍କର ମୃତ୍ୟୁ ହୋଇସାରିଛି।

## କେନିଆରେ ବିମାନ ଦୁର୍ଘଟଣା

କେନିଆ : କେନିଆରେ ବଡ଼ ବିମାନ ଦୁର୍ଘଟଣା । ବିମାନ ଦୁର୍ଘଟଣା କେନିଆର ତଟବର୍ତ୍ତୀ ଅଞ୍ଚଳରେ ହୋଇଛି । ଘଟଣାରେ ୧୨ ଣ ଲୋକଙ୍କ ଜୀବନ ଯାଇଥିବା କୁହାଯାଉଛି । କେନିଆ ଅଧିକାରୀ ଏହି ଦୁର୍ଘଟଣା ବିଷୟରେ ସୂଚନା ଦେଇଛନ୍ତି । ଅଧିକାରୀଙ୍କ କହିବା ମୁତାବକ, ବିମାନଟି ମାସାଇ ମାରା ରାଷ୍ଟ୍ରୀୟ ରିଜର୍ଭରେ ଏକ ଲୋକ ପର୍ଯ୍ୟଟକ ସ୍ଥଳକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା । ଦୁର୍ଘଟଣା ଡାୟନୀ ବିମାନବନ୍ଦର ଠାରୁ ପ୍ରାୟ ୪୦ କିମି ଦୂର ପାହାଡିଆ ଏବଂ ଜଙ୍ଗଲ ଅଞ୍ଚଳରେ ହୋଇଛି । ବିମାନଟି ଉଡ଼ାଣ କିଛି ମିନିଟ ମଧ୍ୟରେ ଦୁର୍ଘଟଣା ହୋଇ ନିଆଁ ପିଣ୍ଡୁଳା ହୋଇଯାଇଥିଲା । ଘଟଣା ସ୍ଥଳରେ କେବଳ ଜଳିଯାଇଥିବା ଅଂଶବିଶେଷ ମିଳିଛି । ସ୍ଥାନୀୟ ଲୋକ କେବଳ ଏକ ବିସ୍ଫୋରଣ ଶବ୍ଦ ଶୁଣିଛନ୍ତି ବୋଲି କହିଛନ୍ତି । ତେବେ କେନିଆ ଆଭିଏସନ ଅଥରିଟିର ଅଧିକାରୀଙ୍କ କହିବାନୁଯାୟୀ, ଦୁର୍ଘଟଣା ବିଷୟରେ ଯାଞ୍ଚ କରାଯାଉଛି ।

# ମୋନ୍ଥାର ଭୟଙ୍କର ରୂପ: ନାବାଳକକୁ ଭିଡିନେଲା ସମୁଦ୍ର !

କାକିନାଡା : ବାତ୍ୟା ମୋନ୍ଥା ଲ୍ୟାଣ୍ଡଫଲ ହେବାପୂର୍ବରୁ ସମୁଦ୍ର ଭୟଙ୍କର ରୂପ ଧାରଣ କରିଛି । ଆନ୍ଧ୍ରର କାକିନାଡା ସମୁଦ୍ରରେ ବୁଡି ଜଣେ ନାବାଳକ ନିଖୋଜ ହୋଇଛି । ୧୦ ବର୍ଷର ନାବାଳକ ନିଜ ମାମୁଙ୍କ ସହ ଏକ ବାଇକରେ ଯିବା ବେଳେ ଅଚାନକ ପାଣିକୁ ଖସି ପଡିଥିଲେ । ଏହାପରେ ତାଙ୍କୁ ଖୋଜାଖୋଜି ଜାରି ରହିଛି । ନାବାଳକ ଜଣକଙ୍କୁ ଖୋଜିବା ପହଞ୍ଚିଛି ଏନଡିଆରଏଫ ଟିମ । ପ୍ରବଳ ପବନ ଭିତରେ ବି ତ୍ୱରିତ ଭାବରେ ସନ୍ଧାନ କାର୍ଯ୍ୟ ଚାଲିଛି । ସୂଚନାଥାଉ କି, ଜଣେ ବ୍ୟକ୍ତି ଏକ ବ୍ରିଜ ପାର କରିବା ସମୟରେ ରାସ୍ତା ଉପରେ ପାଣି ଚାଲିଥିଲା । ତେବେ ପାଣି କେତେ ଗଭୀର ଥିଲା ସେ ଜାଣି ନ ଥିଲେ । ଅଚାନକ ବାଇକରୁ



ତାଙ୍କ ଭଣଜା ଖସି ପଡିଥିଲା । ପାଣି ସିଧା ସଳଖ ସମୁଦ୍ରରେ ମିଶୁଛି ତେଣୁ ପିଲାଟି ସମୁଦ୍ର ଭିତରକୁ ଭାସି ଯାଇଥିବା ଆଶଙ୍କା କରାଯାଉଛି । ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି । ତେବେ ଏହାକୁ ନେଇ ଏନଡିଆରଏଫ ଟିମ ପକ୍ଷରୁ ଏହି ଉଦ୍ଧାର କାର୍ଯ୍ୟକୁ ନେଇ କୌଣସି ପ୍ରତିକ୍ରିୟା ମିଳିପାରିନି । ସେପଟେ ପିଲାଟିକୁ ଅପେକ୍ଷା କରି ବସିଛନ୍ତି ପରିବାର ଲୋକେ । ଆଉ କିଛି ଘଣ୍ଟା ପରେ ଆରମ୍ଭ ହେବ ଲ୍ୟାଣ୍ଡଫଲ ପ୍ରକ୍ରିୟା । ଆନ୍ଧ୍ରପ୍ରଦେଶ କାକିନାଡ଼ାରେ ଅନୁଭୂତ ହେଲାଣି ବାତ୍ୟା ମୋନ୍ଥାର ପ୍ରଭାବ । ଘଣ୍ଟାପ୍ରତି ୧୫ କିମି ବେଗରେ ଆସୁଛି । ଆନ୍ଧ୍ରପ୍ରଦେଶ କାକିନାଡାର କୋନାସୀମାରେ ସ୍ଥଳଭାଗ ଅତିକ୍ରମ କରିବ । ଲ୍ୟାଣ୍ଡଫଲ୍ ସମୟରେ ପବନର ବେଗ ୧୦୦ରୁ ୧୧୦ କିମି ରହିପାରେ । ବର୍ତ୍ତମାନ ମଛଲିପଟ୍ଟନମ ଠାରୁ ୧୦୦କିଲୋମିଟର, କାକିନାଡାଠୁ ୧୮୦କିମି, ଗୋପାଳପୁରଠୁ ୫୦୦ କିମି ଦୂରରେ ଘନୀଭୂତ ରହିଛି ମୋନ୍ଥା । ମୋନ୍ଥା ପ୍ରଭାବରେ ବର୍ଷାର ପରିମାଣ ମଧ୍ୟ ବଢ଼ିବାରେ ଲାଗିଛି । ଆନ୍ଧ୍ରର ୩୦ଟି ବିଧାନସଭା କ୍ଷେତ୍ରରେ ବର୍ଷା ହୋଇଛି ।

# ରଣଜୀ ଟ୍ରଫି: ଓଡ଼ିଶା-ୟୁପି ମ୍ୟାଚ ଡ୍ର'

## ସ୍ୱସ୍ତିକ ସାମଲଙ୍କ ଲଢୁଆ ଅର୍ଦ୍ଧଶତକ, ପ୍ରଥମ ପଏଣ୍ଟ ପାଇଲା ଓଡ଼ିଶା

ଭୁବନେଶ୍ୱର: କାନପୁରର ଗ୍ରିନ୍ ପାର୍କରେ ଚାଲିଥିବା ଉତ୍ତରପ୍ରଦେଶ ବିପକ୍ଷ ଦ୍ୱିତୀୟ ରାଉଣ୍ଡ୍ ରଣଜୀ ଟ୍ରଫି ମୁକାବିଲା ଡ୍ର'ରେ ସମାପ୍ତ ହୋଇଛି। ଓଡ଼ିଶା ଗତକାଲି ସୁଦ୍ଧା ୧୩୭ ରନ୍‌ରେ ପଛୁଆ ଥିବାବେଳେ ଆଜି ଓଡ଼ିଶାର ପ୍ରଥମ ପାଳି ୨୪୩ ରନ୍ ଜବାବରେ ଉତ୍ତରପ୍ରଦେଶ ୬ ୱିକେଟ୍ ବିନିମୟରେ ୪୦୬ ରନ୍ ସଂଗ୍ରହ କରି ପାଳି ଘୋଷଣା କରିଥିଲା। ଫଳରେ ଓଡ଼ିଶା ୧୬୬ ରନ୍‌ରେ ପଛୁଆ ରହିଥିଲା। ଓଡ଼ିଶା ଦ୍ୱିତୀୟ ଇନିଂସରେ ୩ ୱିକେଟ ହରାଇ ୧୫୧ ରନ୍ କରିଥିଲା। ଓପନର ସ୍ୱସ୍ତିକ ସାମଲ ଅପରାଜିତ ୭୧ ରନ୍, ଆଶୀର୍ବାଦ ସ୍ୱାଇଁ ୨୩ ରନ୍, ସନ୍ଦୀପ ପଟ୍ଟନାୟକ ୫ ରନ୍, ଶୁଭ୍ରାଂଶୁ ସେନାପତି ୧୧ ରନ୍ କରି ଆଉଟ୍ ହୋଇଥିଲେ। ଗୋବିନ୍ଦ ପୋଦ୍ଦାର ୩୮ ରନ୍ କରି ଅପରାଜିତ ରହିଥିଲେ। ଫଳରେ ଏହି ମ୍ୟାଚ୍ ଡ୍ର ରହିଥିଲା। ଓଡ଼ିଶା ପଏଣ୍ଟ ଖାତା ଖୋଲିବାରେ ସଫଳ ହୋଇଛି।



ପ୍ରତିକୂଳ ପାଗ କାରଣରୁ ସୋମବାର ତୃତୀୟ ଦିବସରେ ମାତ୍ର ୪୨ ଓଭର ଖେଳ ସମ୍ଭବ ହୋଇଥିଲା ଏହି ସମୟ ମଧ୍ୟରେ ଓଡ଼ିଶା ୩ ୱିକେଟ୍ ଦଖଲ କରିବାରେ ସକ୍ଷମ ହୋଇଥିଲା ଅଧିନାୟକ କରଣ ଶର୍ମା (୧୨୧, ୨୭୬ ବଲ୍, ୧୨ ଚେକା) ଏବଂ ଯୁବ ୱିକେଟ୍‌ରକ୍ଷକ ବ୍ୟାଟର୍ ଆରାଧ ଯାଦବ (୧୦୧, ୧୯୮ ବଲ୍, ୧୨ ଚେକା, ୨ ଛକା) ଚତୁର୍ଥ ୱିକେଟ୍ ପାଇଁ ଦ୍ୱିଶତକ ଭାଗୀଦାର (୨୨୫) ଗଢ଼ିବା ଓଡ଼ିଶାକୁ ନିରାଶ କରିଥିଲା। କରଣ ନିଜ ଚତୁର୍ଥ ପ୍ରଥମ ଶ୍ରେଣୀ ଶତକ ହାସଲ କରିଥିବା ବେଳେ ୨୧ ବର୍ଷୀୟ ଆରାଧ ନିଜ ସଂକ୍ଷିପ୍ତ ଖେଳ ଜୀବନରେ ଶ୍ରେଷ୍ଠ ପାଳି ଖେଳି ତୃତୀୟ ମ୍ୟାଚ୍ ତଥା ଚତୁର୍ଥ ପାଳିରେ ପ୍ରଥମ ଶତକ ମାରିଛନ୍ତି। ପୂର୍ବରୁ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ସର୍ବୋଚ୍ଚ ଥିଲା ୪୦ ରନ୍ ଆରାଧ ମଧ୍ୟ ରିଟାର୍ଡ ହର୍ଟ ହୋଇ ଫେରିଛନ୍ତି। କରଣଙ୍କୁ ଆଶୀର୍ବାଦ ସ୍ୱାଇଁଙ୍କ ଦ୍ୱାରା ଷ୍ଟମ୍ପିଂ କରାଇ ଯୁବ ଦ୍ରୁତ ବୋଲର ବାଦଲ ବିଶ୍ୱାଳ ପ୍ରାଇଜ୍ ୱିକେଟ୍ ବି ପାଇଛନ୍ତି ପ୍ରଶାନ୍ତ ବୀର (୬)ଙ୍କୁ ସନ୍ଦୀପ ପଟ୍ଟନାୟକ ରନ୍ ଆଉଟ୍ କରିଥିଲେ ଜୁନିୟର୍ ଇଣ୍ଡିଆ। ଖେଳାଳି ପ୍ରିୟମ୍ ଗର୍ଗ (୩୧)ଙ୍କୁ ରାଜେଶ ଧୂପରଙ୍କ ଦ୍ୱାରା ଷ୍ଟମ୍ପିଂ କରାଇ ବାମହାତୀ ସ୍ପିନର୍ ସୁମିତ ଶର୍ମା ମଧ୍ୟ ମ୍ୟାଚ୍‌ରେ ନିଜ ପ୍ରଥମ ୱିକେଟ୍ ଅକ୍ତିଆର କରିଥିଲେ ମଧ୍ୟାହ୍ନ ଭୋଜନ ପରବର୍ତ୍ତୀ ପ୍ରାୟ ଘଣ୍ଟାକ ଖେଳ ପରେ ଦିନର ଅବଶିଷ୍ଟ ମ୍ୟାଚ୍‌କୁ ବର୍ଷା ଆଉ କରାଇ ଦେଇ ନଥିଲା ।

ସଂକ୍ଷିପ୍ତ ସ୍କୋର: ଓଡ଼ିଶା ପ୍ରଥମ ପାଳି: ୭୭.୧ ଓଭରରେ ୨୪୩/୧୦ ( ଗୋବିନ୍ଦ ପୋଦ୍ଦାର-୬୪, ସମ୍ବିତ ବରାଳ-୫୯ଅ, ସନ୍ଦୀପ ପଟ୍ଟନାୟକ-୫୩, ରାଜେଶ ମହାନ୍ତି-୪୮, ଶିବମ ଶର୍ମା-୩/୬୫, ଶିବମ ମାଭି-୨/୪୬, ପ୍ରଶାନ୍ତ ବୀର-୨/୧, ବିପ୍ରଜ ନିଗମ-୨/୩୯, କୁନାଲ ତ୍ୟାୟାଗୀ-୧/୨୯) ଉତ୍ତରପ୍ରଦେଶ ପ୍ରଥମ ପାଳି: ୧୩୦ ଓଭରରେ ୪୦୯/୬ (କରଣ ଶର୍ମା-୧୨୧, ଆରାଧ ଯାଦବ-୧୦୧, ମାଧବ କେଶିକ-୬୭, ପ୍ରିୟମ ଗର୍ଗ-୩୧, ସମ୍ବିତ ବରାଳ-୨୦-୩-୫୨-୩, ସୁମିତ ଶର୍ମା-୨୦-୪-୭୮-୧)

ଓଡ଼ିଶା ଦ୍ୱିତୀୟ ଇନିଂସ- ୪୪ ଓଭରରେ ୧୫୧/୩, (ସ୍ୱସ୍ତିକ ସାମଲ ୭୧, ଗୋବିନ୍ଦ ପୋଦ୍ଦାର ୩୮)

## ରଣଜୀ ଖେଳିବେ ଯଶସ୍ୱୀ

ନୂଆଦିଲ୍ଲୀ, ୨୮।୧୦: ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ତିନି ମ୍ୟାଚ ବିଶିଷ୍ଟ ଏକଦିବସୀୟ ସିରିଜ ଖେଳାଯାଇଥିଲା ଅଷ୍ଟ୍ରେଲିଆ। ବିପକ୍ଷ ତିନୋଟି ଦିନିକିଆରେ ଜୟସ୍ୱାଲଙ୍କୁ ପ୍ଲେଇଂ ଇଲେଭେନରେ ସ୍ଥାନ ମିଳିନଥିଲା ଜୟସ୍ୱାଲ ଭାରତୀୟ ଦଳ ପାଇଁ ଓପନିଂ ବ୍ୟାଟସମ୍ୟାନ ଭାବରେ ଖେଳନ୍ତି ଅଷ୍ଟ୍ରେଲିଆ। ଗସ୍ତ ପୂର୍ବରୁ ଶୁଭମନ ଗିଲଙ୍କୁ ଭାରତର ଏକଦିବସୀୟ ଦଳର କମାଣ୍ଡ ଦିଆଯାଇଥିଲା। ରୋହିତ ଶର୍ମା ଗିଲଙ୍କ ସହିତ ଓପନିଂ କରିଥିଲେ, ଯେତେବେଳେ ବିରାଟ କୋହଲି ତୃତୀୟ ନମ୍ବରରେ ବ୍ୟାଟିଂ କରିଥିଲେ। ଜୟସ୍ୱାଲଙ୍କୁ ଭାରତର ଏକଦିବସୀୟ ଦଳରେ ସ୍ଥାନ ମିଳିନଥିଲା। ସମଗ୍ର ସିରିଜରେ ଜୟସ୍ୱାଲଙ୍କୁ ବେଞ୍ଚରେ ବସିଥିବା ଦେଖାଯାଇଥିଲା ଜୟସ୍ୱାଲଙ୍କୁ ଟି-୨୦ ସିରିଜ ପାଇଁ ମଧ୍ୟ ଚୟନ କରାଯାଇ ନଥିଲା ।ତେଣୁ, ଜୟସ୍ୱାଲଙ୍କୁ ଏବେ ଭାରତ ବଦଳରେ ଅନ୍ୟ ଏକ ଦଳ ପାଇଁ ଖେଳିବେ।

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଟି-୨୦ ସିରିଜ ୨୯ ଅକ୍ଟୋବରରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏହି ସିରିଜ ପାଇଁ ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଅଭିଷେକ ଶର୍ମା, ଜସପ୍ରିତ ବୁମ୍ରା, ତିଲକ ବର୍ମା ଏବଂ ରିଙ୍କୁ ସିଂଙ୍କ ସମେତ ଅନ୍ୟ ଖେଳାଳିମାନେ ଅଷ୍ଟ୍ରେଲିଆରେ ପହଞ୍ଚିଛନ୍ତି। ଏହି ସମୟରେ, ଭାରତର ବିସ୍ଫୋରକ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ଜୟସ୍ୱାଲ ଅଷ୍ଟ୍ରେଲିଆରୁ ଫେରି ଆସିଛନ୍ତି ଏବଂ ଏବେ ରଣଜୀ ଟ୍ରଫିରେ ମୁମ୍ବାଇ ପାଇଁ ଖେଳିବେ। ଭାରତର ଟି-୨୦ ଦଳରେ ସ୍ଥାନ ପାଇବାରୁ ବଞ୍ଚିତ ହେବା ପରେ ଜୟସ୍ୱାଲଙ୍କୁ ରଣଜୀ ଟ୍ରଫିକୁ ଫେରିବାକୁ ଯାଉଛନ୍ତି ।ମୁମ୍ବାଇ ୪୨ ଥର ରଣଜୀ ଟ୍ରଫି ଜିତିଛି।

# ଆଜି ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଟି୨୦

କାନବେରା, ୨୮।୧୦: ବୁଧବାର ଠାରୁ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଟି-୨୦ ସିରିଜ ଆରମ୍ଭ ହେବ। ୨୦୨୭ ବିଶ୍ୱକପ୍ ପାଇଁ ଉଭୟ ଦଳ ପ୍ରାରମ୍ଭିକ ପଦକ୍ଷେପ ନେବା ବ୍ୟତୀତ ସିରିଜ୍‌ର ଆପେକ୍ଷିକ ଭାବରେ କିଛି ଅର୍ଥ ନଥିଲା, ବୁଧବାର ରାତିରେ କାନବେରାରେ ଆରମ୍ଭ ହେଉଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ୨୦ ସିରିଜ୍ ନିକଟ ଭବିଷ୍ୟତ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ।

ବିଶ୍ୱର ନମ୍ବର ୧ ଏବଂ ୨ ଦଳ ଫେବୃଆରୀରେ ଭାରତ ଏବଂ ଶ୍ରୀଲଙ୍କାରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ସେମାନଙ୍କର ପ୍ରସ୍ତୁତିର ଶେଷ ଥ୍ରୋରେ ମୁହାଁମୁହିଁ ହେବେ। ପରିସ୍ଥିତିର କୌଣସି ପ୍ରାସଙ୍ଗିକତା ରହିବ ନାହିଁ, କିନ୍ତୁ ବିଶ୍ୱକପ୍ ପାଖରେ ପରସ୍ପର ବିରୁଦ୍ଧରେ ନିଜକୁ ଏବଂ ସେମାନଙ୍କର ଖେଳ ଶୈଳୀକୁ ପରୀକ୍ଷା କରିବାର ସୁଯୋଗ ଉଭୟ ଦଳ ପାଇଁ ଅତ୍ୟନ୍ତ ଲାଭଦାୟକ ହେବ।



ଭାରତ ସ୍ପଷ୍ଟ ଭାବରେ ବିଶ୍ୱର ନମ୍ବର ୧ ଦଳ ରାଜତ୍ୱ କରୁଥିବା ବିଶ୍ୱକପ୍ ବିଜେତାମାନେ ପରାଜିତ ନ ହୋଇ ଏସିଆ। କପ୍ ଟାଇଟଲ ପାଇଁ ଝଡ଼ ଖେଳିଥିଲେ ଏବଂ ସୁପର ଫୋରରେ ସେମାନେ କେବଳ ଥରେ ଶ୍ରୀଲଙ୍କା ପାଖରେ ପହଞ୍ଚିଥିଲେ ।୨୦୨୪ ରେ ବିଶ୍ୱକପ୍ ଜିତିବା ପରଠାରୁ ସେମାନେ କେବଳ ତିନୋଟି ମ୍ୟାଚ୍ ହାରିଛନ୍ତି ଏବଂ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଯୁବ ପ୍ରତିଭାର ପ୍ରବାହ ସହିତ ଏକ ଆହୁରି ଶକ୍ତିଶାଳୀ ଏବଂ ଅଧିକ ଗତିଶୀଳ ଗୋଷ୍ଠୀ ହୋଇଯାଇଛନ୍ତି।

ଜସପ୍ରିତ ବୁମରାହଙ୍କୁ ସିରିଜରେ ବିଶ୍ରାମ ଦିଆଯିବା ପରେ ସେ ଫେରିଛନ୍ତି ଏବଂ ଗତ ଗ୍ରୀଷ୍ମ ଋତୁରେ ଲାଲ ଏବଂ ଗୋଲାପୀ ବଲ୍ ସହିତ ତାଙ୍କର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆରେ ପ୍ରାରମ୍ଭିକ ସିଜନ ପରିସ୍ଥିତିର ଉପଭୋଗ କରିବେ ଭାରତ ସମ୍ମୁଖରେ ଏକ ଚ୍ୟାଲେଞ୍ଜ ହେବ ଯେ ଅଷ୍ଟ୍ରେଲିଆ। ପରିସ୍ଥିତିରେ ଏକାଦଶକୁ କିପରି ସର୍ବୋତ୍ତମ ଭାବରେ ସନ୍ତୁଳିତ କରାଯିବ, ଯାହା ସହିତ ସେମାନେ ରେ ସଂଘର୍ଷ କରିଥିଲେ, ସ୍ପିନ୍-ଅନୁକୂଳ ପରିସ୍ଥିତିରେ ଏକ ସ୍ପିନ୍-ହେଭି ଦଳ ସହିତ ଏସିଆ। ଜିତିଥିଲେ।

ଏହି ସମୟରେ, ଭାରତ ହାତରେ ୨୦୨୪ ବିଶ୍ୱକପ୍ ରୁ ନିରାଶାଜନକ ବିଦାୟ ନେବା ପରେ ଅଷ୍ଟ୍ରେଲିଆ। ଏକ ନୂତନ ପୃଷ୍ଠା ବଦଳାଇଛି। ୨୦୨୨ ଏବଂ ୨୦୨୪ ସଂସ୍କରଣରେ ପଛକୁ ପଛ ମଧ୍ୟମ ପ୍ରଦର୍ଶନ ଅଷ୍ଟ୍ରେଲିଆର ପଦାନୁକ୍ରମରୁ ସେମାନଙ୍କର ଆଭିମୁଖ୍ୟ ବିଷୟରେ ପୁନର୍ବିଚାର କରିବାକୁ ବାଧ କରେ। ମିଚେଲ ମାର୍ଶଙ୍କ ନେତୃତ୍ୱରେ ଖେଳିବାର ଏକ ଅଲ-ଆଉଟ୍ ପାୱାର-ହିଟିଂ ପଦ୍ଧତିକୁ ଯିବା ପରଠାରୁ ଫଳାଫଳ ଚମତ୍କାର ହୋଇଛି। ମାର୍ଶ, ଟ୍ରାଭିସ୍ ହେଡ୍, ଜୋଶ୍ ଇଙ୍ଗଲିସ୍, କ୍ୟାମେରନ୍ ଗ୍ରୀନ୍, ଟିମ୍ ଡେଭିଡ୍, ମିଚେଲ ଓଭେନ୍ ଏବଂ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ନେତୃତ୍ୱରେ କିଛି ବୈଦ୍ୟୁତିକ ବ୍ୟାଟିଂ ପଛରେ ସେମାନେ ସେମାନଙ୍କର ଶେଷ ୨୦ ଟି-୨୦ ମ୍ୟାଚ୍ ମଧ୍ୟରୁ କେବଳ ଦୁଇଟି ହାରିଛନ୍ତି। ଭାରତ ବିପକ୍ଷରେ ଗ୍ରୀନ୍ ଆସେସ୍ ପାଇଁ ପ୍ରସ୍ତୁତ ହେଉଥିବାରୁ ସେମାନେ ଖେଳୁଛନ୍ତି, କିନ୍ତୁ ମାର୍କସ୍ ଷ୍ଟୋଇନିସ୍ ଏବଂ ମ୍ୟାଟ୍ ସର୍ଟ ଏହି ଅଭାବ ପୂରଣ କରୁଛନ୍ତି।।

**ସ୍ଥାନ-କାନବେରା**
**ସମୟ-୧ଟା୪୫**

ଅଷ୍ଟ୍ରେଲିଆ କୋଚ୍ ଆଣ୍ଡ୍ରୁ ମ୍ୟାକଡୋନାଲ୍ଡ ସୋମବାର କାନବେରାରେ କହିଥିଲେ ଏଠାରେ ଏକ ପରିବର୍ତ୍ତନ ଆସିଛି। ପ୍ରାରମ୍ଭିକ ଆଲୋଚନାରୁ ଆମେ ଏବେ ୧୧ଟି ଖେଳ ବାକି ଅଛି। ଯେତେବେଳେ ଆମେ ଏହି ଯାତ୍ରା ଆରମ୍ଭ କରିଥିଲୁ, ଆମେ ପୂର୍ବରୁ କିଛି ବିଶ୍ୱକପରେ ବିଫଳ ହୋଇଥିଲୁ, ତେଣୁ ଆମେ ଯାହା କରିପାରିବୁ ବୋଲି ଭାବିଥିଲୁ ତାହା ଉପରେ ସୀମା ପରିବର୍ତ୍ତନ କରିବାକୁ ଏବଂ ବିସ୍ତାର କରିବାକୁ ଚାହୁଁଥିଲୁ।

ଏସିଆ। କପ୍ ଫାଇନାଲରେ ଶେଷ ଟି-୨୦ ମ୍ୟାଚ୍‌ରେ ଭାରତ ଏକ ସ୍ପିନ୍-ହେଭି ଲାଇନ୍ ଅପ୍ କରିଥିଲା, କିନ୍ତୁ ଅଷ୍ଟ୍ରେଲିଆରେ ହେବାକୁ ଥିବା ପାଞ୍ଚଟି ମ୍ୟାଚ୍ ପାଇଁ ଏହା ଆକ୍ରମଣରେ କିଛି ପେସରଙ୍କୁ ଖେଳାଇବବୋଲି ଜଣାପଡ଼ିଛି। ଜସପ୍ରିତ ବୁମରାହଙ୍କ ସହ ଅର୍ଶଦୀପ ସିଂହ ଫେରିବା ପ୍ରାୟ ନିଶ୍ଚିତ, କିନ୍ତୁ ଶନିବାର ସିଡନୀରେ ତାଙ୍କ କ୍ୟାରିୟରର ସର୍ବୋତ୍ତମ ଦିନିକିଆ। ପ୍ରଦର୍ଶନ ପରେ ହର୍ଷିତ ରାଣା ମଧ୍ୟ ଦଳରେ ସାମିଲ ହୋଇପାରନ୍ତି । ଯଦି ସେହି ଦୁଇଟିକୁ ଯୋଡାଯାଏ, ତେବେ ଶିବମ୍ ଦୁବେ ମଧ୍ୟ ଦଳରୁ ବାହାରି ପାରନ୍ତି। ବାମ କ୍ୱାଡ୍ ସମସ୍ୟା ସହିତ ଶେଷ ଦିନିକିଆ। ଖେଳିବା ପରେ ନୀତିଶ କୁମାର ରେଡ୍ଡି ପୁଣି ଥରେ ଫିଟ୍ ହୋଇଛନ୍ତି ଏବଂ ଆବଶ୍ୟକ ହେଲେ ସେ ଅଲରାଉଣ୍ଡ ସିମ୍-ବୋଲିଂ ବିକଳ୍ପ ହୋଇପାରନ୍ତି।

୨୦୨୪ ମର୍ସିହାର ପ୍ରଥମାର୍ଦ୍ଧରେ ବିଶ୍ୱର ନମ୍ବର ୧ ଟି-୨୦ ବ୍ୟାଟ୍ସମ୍ୟାନ୍ ରୁ ସୂର୍ଯ୍ୟକୁମାର ଯାଦବଙ୍କ ପତନ ୨୦୨୫ ମସିହାରେ ରନ୍ ପାଇଁ ସଂଘର୍ଷ କରିବା ଆରମ୍ଭ ହୋଇଛି। ସେ ତାଙ୍କର ଶେଷ ୧୪ ଇନିଂସରେ ଅର୍ଦ୍ଧଶତକ ହାସଲ କରିନାହାଁନ୍ତି ଏବଂ ସେହି ସମୟରେ ତାଙ୍କର ହାରାହାରି ୧୦.୫୦ ଏବଂ ମାତ୍ର ୧୦୦.୮୦ ସ୍କୋର ରହିଛି ।ଏହି ବର୍ଷ ଆରମ୍ଭରେ ୧୬୭.୯୧ ଷ୍ଟ୍ରାଇକ୍ ରେଟ୍ ସହିତ ପାଞ୍ଚଟି ଅର୍ଦ୍ଧଶତକ ସହିତ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ସର୍ବାଧିକ ରନ ସ୍କୋରର ଭାବରେ ତାଙ୍କର ଉତ୍କୃଷ୍ଟ ଆଇପିଏଲ୍ ଥିଲା, ଏହା କିପରି ଏବଂ କାହିଁକି ଏକ ରହସ୍ୟମୟ କଥା ଏହା ଅବୋଧ ମନେ ହେଉଛି ଯେ ସେ ବିଶ୍ୱକପ୍ ପୂର୍ବରୁ ଭାରତର ଶ୍ରେଷ୍ଠ ଚାରିଟି ଦଳରେ ଏକ ପ୍ରମୁଖ ସ୍ତମ୍ଭ ହେବେ ନାହିଁ କିନ୍ତୁ ସେ ଅନୁଭବ କରୁଥିବା ଯେକୌଣସି ଚାପକୁ କମ କରିବା ପାଇଁ ଅଷ୍ଟ୍ରେଲିଆ। ବିପକ୍ଷରେ କିଛି ରନ କରିବାକୁ ପସନ୍ଦ କରିବେ।

ବୁଧବାର ଦିନ କାନବେରାରେ ଥଣ୍ଡା ରହିବା ସହିତ ଦିନବେଳା ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଛି । କିନ୍ତୁ ସନ୍ଧ୍ୟାରେ ପରିବେଶ ସଫା ରହିବ ଏବଂ ଖେଳ ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ପୁରୁଷ ୨୦ ଏବଂ ବିପିଏ୍ କ୍ରିକେଟରେ ମାନୁକା ଓଭାଲ ଏକ କମ୍ ସ୍କୋରିଂ ଗ୍ରାଉଣ୍ଡ ହୋଇଆସିଛି, ଯେଉଁଥିରେ ସ୍ପିନ୍ ଭୂମିକା ଗ୍ରହଣ କରୁଛି ଏବଂ ସୀମା ବଡ଼ ରହିଛି।

# ଶ୍ରେୟସଙ୍କ ଅପରେଶନ ସରିଲା

ନୂଆଦିଲ୍ଲୀ, ୨୮।୧୦: ଭାରତୀୟ କ୍ରିକେଟ ଦଳର ଷ୍ଟାର୍ ବ୍ୟାଟ୍ସମ୍ୟାନ୍ ଶ୍ରେୟସ ଆୟର ଅଷ୍ଟ୍ରେଲିଆ। ଗସ୍ତରେ ଏକ ବଡ଼ ଝଟକା ପାଇଛନ୍ତି ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ତୃତୀୟ ଏକଦିବସୀୟ ମ୍ୟାଚ୍ ସମୟରେ, ଆୟର ଅଷ୍ଟ୍ରେଲୀୟ ଉଇକେଟକିପର ଆଲେକ୍ସ କ୍ୟାରିଙ୍କୁ କ୍ୟାଚ୍ କରିବାକୁ ଚେଷ୍ଟା କରିବା ସମୟରେ ପଡ଼ିଯାଇଥିଲେ ଏହି ଘଟଣା ତାଙ୍କ ପ୍ଲିହାରେ ଆଘାତ ଦେଇଥିଲା ଏବଂ ଡାକ୍ତରୀ ପରୀକ୍ଷାରୁ ଭିତରେ ରକ୍ତସ୍ରାବ ହୋଇଥିବା ଜଣାପଡ଼ିଥିଲା ଯେଉଁଥିଲାଗି ତାଙ୍କୁ ସିଡନୀର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଏବେ ତାଙ୍କ ଅସ୍ତ୍ରୋପଚାର ସମ୍ପର୍କରେ ଏକ ବଡ଼ ଅପଡେଟ ସାମ୍ନାକୁ ଆସିଛି



ଖୁସି ଖବର ହେଉଛି ଯେ ଶ୍ରେୟସ ଆୟରଙ୍କ (ପ୍ଲିହା) ଆଘାତ ପାଇଁ ଛୋଟ ଅସ୍ତ୍ରୋପଚାର କରାଯାଇଛି। ସେ ଏଥିରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। କ୍ରିକବଜ ରିପୋର୍ଟ ଅନୁଯାୟୀ ତାଙ୍କ ଅବସ୍ଥା ସମ୍ପୂର୍ଣ୍ଣ ସ୍ଥିର ଅଛି ଏବଂ ତାଙ୍କୁ ଓଟିରୁ ବାହାରକୁ ଅଣାଯାଇଛି। ଏହା ଏକ ଛୋଟ ଅସ୍ତ୍ରୋପଚାର ଥିଲା, କିନ୍ତୁ ତାଙ୍କୁ ଅତି କମରେ ପାଞ୍ଚ ଦିନ ଏବଂ ସର୍ବାଧିକ ଗୋଟିଏ ସପ୍ତାହ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଛି। ତେଣୁ ସେ ଆଗାମୀ କିଛି ଦିନ ପାଇଁ ହସ୍ପିଟାଲରେ ରହିବେ। ବର୍ତ୍ତମାନ ସେ ବିପଦରୁ ମୁକ୍ତ ଏବଂ ସୁସ୍ଥ ହେଉଥିବାରୁ, କ୍ରିକେଟ ପ୍ରଶଂସକମାନେ ଆଶ୍ୱସ୍ତ ହୋଇଛନ୍ତି।

ରିପୋର୍ଟ ଅନୁସାରେ, ଆୟରଙ୍କ ଅବସ୍ଥାରେ ଦ୍ରୁତ ଉନ୍ନତି ଘଟିଛି ତାଙ୍କୁ ଏକ ସାଧାରଣ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ଏବଂ ସେ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିବେ ବୋଲି ଆଶା କରାଯାଉଛି। ବିସିସିଆଇ ଡାକ୍ତରୀ ଦଳ ସିଡନୀରେ ତାଙ୍କ ଆଘାତ ଉପରେ ମଧ୍ୟ ନଜର ରଖିଛନ୍ତି।

ଶ୍ରେୟସ ହସ୍ପିଟାଲରୁ ଡିସଚାର୍ଜ ହେବା ପରେ ଭାରତ ଫେରିବେ। ତଥାପି ମଇଦାନକୁ ଫେରିବାକୁ ତାଙ୍କୁ ଚାରିରୁ ଛଅ ସପ୍ତାହ ଲାଗିପାରେ ଫଳସ୍ୱରୂପ ସେ ନଭେମ୍ବର ୩୦ ତାରିଖରୁ ଭାରତରେ ଖେଳାଯିବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ଖେଳି ନ ପାରନ୍ତି ବୋଲି କୁହାଯାଇଛି।

## ଆନ୍ତଃ କଲେଜ କ୍ରିକେଟ୍ ମ୍ୟାଚ୍

# ନିମାପଡ଼ାକୁ ହରାଇଲା କୋଣାର୍କ



କୋଣାର୍କ, ୨୮।୧୦: ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୁଲ୍ୟରେ କୋଣାର୍କ ଭଗବତୀ ମହାବିଦ୍ୟାଳୟ ପକ୍ଷରୁ ଆନ୍ତଃ କଲେଜ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି +୨ ଶ୍ରେଣୀର ଛାତ୍ର ମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ଖେଳରେ ନିମାପଡ଼ା ସ୍ୱୟଂ ଶାସିତ କଲେଜକୁ ହରାଇ କୋଣାର୍କ ଭଗବତୀ କଲେଜ ବିଜୟୀ ହୋଇଛି ପ୍ରାରମ୍ଭରେ କୋଣାର୍କ କଲେଜ୍ ଅଧକ୍ଷ ଅବତାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚ ଶୁଭାରମ୍ଭ କରିଥିଲେ। ବର୍ଷା ବାଧାପ୍ରାପ୍ତ କାରଣରୁ ୮ ଓଭର ବିଶିଷ୍ଟ ମ୍ୟାଚ୍ କରାଯାଇଥିଲା। କୋଣାର୍କ କଲେଜ ଟିମ୍ ଅଧିନାୟକ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲେ। ନିମାପଡ଼ା କଲେଜ ନିର୍ଦ୍ଧାରିତ ୮ ଓଭରରେ ୩ ୱିକେଟ ହରାଇ ୯୬ ରନ୍ କରିଥିଲା। ଦଳ ପକ୍ଷରୁ ଜାଭେଦ ଅଖତାର ଖାନ ସର୍ବାଧିକ ୪୪ ରନ କରିଥିଲେ । ଜବାବରେ କୋଣାର୍କ କଲେଜ୍ ୭.୨ ଓଭରରେ ମାତ୍ର ୧ ୱିକେଟ୍ ହରାଇ ଆବଶ୍ୟକ ରନ୍ ସହ ୯ ଉଇକେଟରେ ବୃହତ ବିଜୟ ଲାଭ କରିଥିଲା । କୋଣାର୍କ କଲେଜ୍ ପକ୍ଷରୁ ବାମହାତି ଖେଳାଳି ସୁଭ୍ରଜିତ ରାଉତ ଦ୍ରୁତ ୩୮ ବଲରୁ ଅପରାଜିତ ୬୨ ରନ୍ କରିଥିଲେ ।ତାଙ୍କୁ ମ୍ୟାଚ୍ ଶ୍ରେଷ୍ଠ ଖେଳାଳି ଭାବେ ଘୋଷଣା କରାଯାଇଥିଲା ।ଅମ୍ପାୟାର୍ ଭାବେ ପୂର୍ବତନ କ୍ଲବ୍ କ୍ରିକେଟ୍ ଖେଳାଳି ରମେଶ ସ୍ୱାଇଁ ଓ ପୂର୍ବତନ ଆନ୍ତଃ କଲେଜ କ୍ରିକେଟର ତଥା ସାମ୍ବାଦିକ ଜ୍ଞାନ ରଞ୍ଜନ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଅଧ୍ୟାପକ କ୍ୟାପଟେନ ବିନୟ ଭୂଷଣ ମହାନ୍ତି ଓ ଅଧ୍ୟାପକ ସୁରେନ୍ଦ୍ର ଖଟୁଆ। ସମସ୍ତ କ୍ରୀଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କରୁଣ ନାୟରଙ୍କ କ୍ଷୋଭ

ମୁମ୍ବାଇ, ୨୭।୧୦: ଗୋଆ। ବିପକ୍ଷ ରଣଜୀ ମ୍ୟାଚ୍ ସମୟରେ କରୁଣ ନାୟର କହିଛନ୍ତି, ଗତ ଦୁଇ ବର୍ଷରେ ଘରୋଇ କ୍ରିକେଟରେ ସ୍ଥିରତା ଦେଖାଇଥିବା ପରେ ମଧ୍ୟ ଭାରତୀୟ ଦଳରୁ କେବଳ ଗୋଟିଏ ସିରିଜ୍ ସୁଯୋଗ ପାଇଁ ହତାଶ ହୋଇଛନ୍ତି। ଇଂଲଣ୍ଡ ଗସ୍ତରେ ୮ ଇନିଂସରେ ୨୫.୬୨ ହାରରେ ସହ ୨୦୫ ରନ୍ (ଗୋଟିଏ ଅର୍ଦ୍ଧଶତକ) କରିଥିବା ବେଳେ ଅତିରକ୍ତ ଭାରତ ସିରିଜ୍ ଓ ଇଣ୍ଡିଆ। ଏ ବିପକ୍ଷ ଦକ୍ଷିଣ ଆଫ୍ରିକା ଏ ମ୍ୟାଚ୍‌ରେ ସ୍ଥାନ ମିଳିନଥିଲା।

ନିଶ୍ଚିତ ଭାବେ ହତାଶାଜନକ ଗତ ଦୁଇ ବର୍ଷର ପ୍ରଦର୍ଶନ ପରେ ମୁଁ ଅଧିକ ସିରିଜ୍ ପାଇଁ ଯୋଗ୍ୟ ଥିଲି। ଦଳର କିଛି ବ୍ୟକ୍ତି ମୋ ସହ ଆଲୋଚନା କରିଥିଲେ, କିନ୍ତୁ ମୁଖ୍ୟ କଥା ହେଉଛି ରନ୍ କରି ନିଜ କାମ କରିବା, ବୋଲି କରୁଣ କହିଛନ୍ତି। ବିଦର୍ଭକୁ ଗତ ରଣଜୀ ଟ୍ରଫି ଜିତାଇଥିବା ଏହି ବ୍ୟାଟର ଦୁଇ ରଣଜୀ ସିଜନ୍‌ରେ ୧,୫୩୩ ରନ୍ କରିଥିଲେ। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଅତିରିକ୍ତ ଭାରତ ସ୍କ୍ୱାଡ୍ ଘୋଷଣା ସମୟରେ କହିଥିଲେ, ଇଂଲଣ୍ଡରେ ଆମେ ଅଧିକ ଆଶା କରିଥିଲୁ। ଚାରି ଟେଷ୍ଟରେ କେବଳ ଗୋଟିଏ ଅର୍ଦ୍ଧଶତକ ସଭିଙ୍କୁ ୧୫-୨୦ ସୁଯୋଗ ଦେବା ଆଦର୍ଶ, କିନ୍ତୁ ଏପରି ହେଉ ନାହିଁ ।ଜାତୀୟ ଦଳ ପାଇଁ ସ୍ୱପ୍ନ ଛାଡ଼ୁ ନ ଥିବା କରୁଣ କହିଛନ୍ତି, ପରବର୍ତ୍ତୀ ଟାର୍ଗେଟ୍ ହେଉଛି ଦେଶ ପାଇଁ ଖେଳିବା। ନ ପାରିଲେ ଯେଉଁ ଦଳ ପାଇଁ ଖେଳୁଛି, ତା ପାଇଁ ମ୍ୟାଚ୍ ଜିତାଇବା।

# ମନ୍ଧାନାଙ୍କ ବଡ଼ ଉପଲବ୍ଧି

ଦୁବାଇ, ୨୮।୧୦: ଚଳିତ ବିଶ୍ୱକପ୍ ଅଭିଯାନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଭାରତର ଷ୍ଟାର ଓପନର ସ୍ମୃତି ମନ୍ଧାନା ତାଙ୍କ କ୍ୟାରିୟର ଶ୍ରେଷ୍ଠ ରେଟିଂ ହାସଲ କରିପାରିଛନ୍ତି ଏଥିସହିତ ସେ ମଙ୍ଗଳବାର ପ୍ରକାଶିତ ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ। କ୍ରିକେଟ ବ୍ୟାଟିଂ ର୍‍ୟାଙ୍କିଙ୍ଗରେ ତାଙ୍କ ନମ୍ବର-୧ ସ୍ଥାନକୁ ଅଧିକ ସୁଦୃଢ଼ କରିପାରିଛନ୍ତି। ୨୯ ବର୍ଷୀୟା ଏହି ବାମହାତି ବ୍ୟାଟର ଗତ ଦୁଇଟି ମ୍ୟାଚ ମଧ୍ୟରୁ



ନ୍ୟୁଜିଲାଣ୍ଡ ବିପକ୍ଷରେ ୧୦୯ ଏବଂ ବାଂଲାଦେଶ ବିପକ୍ଷରେ ଅପରାଜିତ ୩୪ ରନ ସଂଗ୍ରହ କରିବା ଦ୍ୱାରା ତାଙ୍କ ରେଟିଂ ପଏଣ୍ଟ ୮୨୮କୁ ବୃଦ୍ଧି ପାଇଛି ।ଫଳତଃ ଦ୍ୱିତୀୟ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆର ଆଶଲେ ଗାର୍ଡନର (୭୩୧)ଙ୍କଠାରୁ ପ୍ରାୟ ୧୦୦ ରନ ଆଗୁଆ। ରହିଛନ୍ତି। ଇଂଲଣ୍ଡ ବିପକ୍ଷରେ ଅପରାଜିତ ଶତକ ପାଇଁ ଗାର୍ଡନର ୬ ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନ ଅଧିକାର କରିନେଇଛନ୍ତି ।ଦକ୍ଷିଣ ଆଫ୍ରିକାର ଲାଉରା ଓଲ୍‌ଭାର୍ଡଟ ତାଙ୍କର ୯୦ ଓ ୩୧ ରନର ଇନିଂସ ପାଇଁ ଦୁଇ ସ୍ଥାନ ପଦୋନ୍ନତି ସହ ଶ୍ରେଷ୍ଠ ୩ରେ ସ୍ଥାନ ପାଇଛନ୍ତି। ଇଂଲଣ୍ଡର ଆମି ଜୋନ୍ସ ୪ ସ୍ଥାନ ଉପରକୁ ଉଠି ଟପ୍ ୧୦ରେ ନବମ (୬୫୬)ସ୍ଥାନରେ ପହଞ୍ଚିଛନ୍ତି।

## ଏସୀୟ ରଗ୍‌ବି: ଭାରତ ଉପବିଜେତା

ଭୁବନେଶ୍ୱର, ୨୮।୧୦: ମସ୍କାଟ୍‌ରେ ଆୟୋଜିତ ଏସୀୟ ରଗ୍‌ବି ଏମିରେଟ୍ସ ସେଭେନ୍ସ ଟ୍ରଫିରେ ଭାରତ ଉପବିଜେତା ହୋଇଛି ଫାଇନାଲ୍‌ରେ ଭାରତ ୦-୨୭ରେ କାଜାଖସ୍ତାନଠୁ ହାରିଯାଇଥିଲା ଉପବିଜେତା ଭାରତୀୟ ଦଳରେ ସାମିଲ ହୋଇ ଓଡ଼ିଶାର ୪ ଜଣ ଖେଳାଳି ଆଶିଷ ଶବର, ଗଣେଶ ଧାଙ୍ଗଡ଼ା ମାଝୀ, ଯୁଗଳ କିଶୋର ମାଝୀ ଓ ଶାହନାଜ ଅହମଦ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ଆଶିଷ, ଗଣେଶ ଓ ଯୁଗଳ କିସ୍‌ର ଛାତ୍ର ସେମିଫାଇନାଲ୍‌ରେ ଭାରତ ୧୭-୦ରେ ସାଉଦି ଆରବକୁ ପରାସ୍ତ କରିଥିଲା। ଏହାପୂର୍ବରୁ ଲିଗ୍‌ରେ ଭାରତ ଯଥାକ୍ରମେ ଲେବନନ୍‌କୁ ୪୪-୦ରେ, ଆଫଗାନିସ୍ତାନକୁ ୨୬-୫ରେ ହରାଇ ସେମିଫାଇନାଲ୍‌ରେ ପହଞ୍ଚିଥିଲା ।ଏହି ସଫଳତା ଲାଗି କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି

# ରୋହିତ-ବିରାଟଙ୍କ ସମାଲୋଚନାରେ ରାଗିଗଲେ ଡିଭିଲିୟର୍ସ

ନୂଆଦିଲ୍ଲୀ, ୨୮୧୦: ଏବି ଡିଭିଲିୟର୍ସ ଏବେ ଟିମ ଇଣ୍ଡିଆର ଦୁଇ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କୁ ପ୍ରଶ୍ନ କରୁଥିବା ଲୋକଙ୍କୁ କଡ଼ା ଜବାବ ଦେଇଛନ୍ତିଫ ଅଷ୍ଟ୍ରେଲିଆ। ବିପକ୍ଷ ସିଡନୀ ଦିନିକିଆରେ ଉଭୟ ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ ପରେ, ଡିଭିଲିୟର୍ସ ସମାଲୋଚକମାନଙ୍କୁ କକ୍‌ରୋଚ ବୋଲି କହି ତାଚ୍ଛଲ୍ୟ କରିଛନ୍ତି। ସେ କହିଛନ୍ତି ଯେ ଏପରି ଲୋକ କେବଳ ସେତେବେଳେ ଉଭା ହୁଅନ୍ତି ଯେତେବେଳେ ଜଣେ ଖେଳାଳି ତାଙ୍କ କ୍ୟାରିୟରର ଶେଷ ନିକଟତର ହୋଇଥାନ୍ତି। ଏକ ଫେସବୁକ ଲାଇଭ ସେସନ ସମୟରେ, ଏବି ଡିଭିଲିୟର୍ସ କହିଛନ୍ତି, ମୁଁ ବୁଝିପାରୁନାହିଁ ଯେ ଏମାନେ କିଏ କିମ୍ବା ମୁଁ ସେମାନଙ୍କୁ ମଣିଷ ମଧ୍ୟ କହିପାରିବି ଜଣେ ଖେଳାଳି ତାଙ୍କ କ୍ୟାରିୟରର ଶେଷ ଭାଗରେ ପହଞ୍ଚିବା ମାତ୍ରେ, ଏହି କକ୍‌ରୋଚ ସେମାନଙ୍କ ଗାତରୁ ବାହାରନ୍ତି କାହିଁକି ? ଯେଉଁମାନେ ନିଜ ଦେଶ ଏବଂ କ୍ରିକେଟକୁ ଏତେ କିଛି ଦେଇଛନ୍ତି ସେମାନଙ୍କୁ କାହିଁକି ତଳକୁ ଆଣିବାକୁ ଚେଷ୍ଟା କରନ୍ତି ?

ଡିଭିଲିୟର୍ସ ଆହୁରି କହିଛନ୍ତି ଯେ ଏହି ଦୁଇ ମହାନ ଖେଳାଳିଙ୍କ ଅବଦାନକୁ ସମ୍ମାନ ଦେବାର ସମୟ ଆସିଛି, ସେମାନଙ୍କୁ ହୀନ କରିବା ନାହିଁଫ ରୋହିତ ଶର୍ମା ଏବଂ ବିରାଟ କୋହଲି ଉଭୟ ଅଷ୍ଟ୍ରେଲିଆ। ବିପକ୍ଷ ଦିନିକିଆ। ସିରିଜରେ ପ୍ରଭାବଶାଳୀ ପ୍ରତ୍ୟାବର୍ତ୍ତନ କରିଥିଲେ ଫରୋହିତ ଦ୍ୱିତୀୟ ଏକଦିବସୀୟରେ ଅର୍ଦ୍ଧଶତକ ଏବଂ ତୃତୀୟରେ ଏକ ଚମତ୍କାର ଶତକ ହାସଲ କରିଥିଲେ ଲଗାତାର ଦୁଇଟି ମ୍ୟାଚରେ ଆଉଟ ହେବା ପରେ ବିରାଟ ତୃତୀୟ ମ୍ୟାଚରେ ଅପରାଜିତ ୭୪ ରନ କରି ତାଙ୍କ ସମାଲୋଚକମାନଙ୍କୁ ଜବାବ ଦେଇଥିଲେ ।ଏହି ଇନିଂସଗୁଡ଼ିକ ପ୍ରମାଣିତ କରିଛି ଯେ ଉଭୟ ଖେଳାଳିଙ୍କ ପାଖରେ ଏବେ ବି ସମ୍ଭାବନା ଅଛି ଏବଂ ସେମାନେ ଭାରତୀୟ ଦଳର ମେରୁଦଣ୍ଡ ହୋଇ ରହିଛନ୍ତି।

# ରାଜ୍ୟ ପାରାସନ୍ତରଣରେ ଚମକିଲା କେନ୍ଦ୍ରାପଡା

କେନ୍ଦ୍ରାପଡା ୨୮/୧୦- ଅକ୍ଟୋବର ୨୫ ଓ ୨୬ ତାରିଖ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପାରାସନ୍ତରଣ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ାର ପାରା ସନ୍ତରଣକାରୀମାନେ ଅପୂର୍ବ ସଫଳତା ଅର୍ଜନ କରିଛନ୍ତି । ନିଜ ନିଜ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟ ଲାଭ ସହ ଏହି ପାରାସନ୍ତରଣକାରୀମାନେ ଜାତୀୟ ରେକର୍ଡ ମଧ୍ୟ ସ୍ଥାପନ କରିବାରେ ସମର୍ଥ ହୋଇଛନ୍ତି। କେନ୍ଦ୍ରାପଡ଼ାର ଆଳି ବ୍ଲକ୍ ନରେନ୍ଦ୍ରପୁର ଗ୍ରାମର ଦିବ୍ୟାଙ୍ଗ ପାରା ସନ୍ତରଣକାରୀ ମୋନାଲି ସ୍ୱାଇଁ ମହିଳା ବିଭାଗର ତିନୋଟି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟ ଲାଭ କରି ବ୍ୟକ୍ତିଗତ ରେକର୍ଡ ସୃଷ୍ଟି କରିବା ସହିତ ଜାତୀୟ ପାରା ସୁଇମିଙ୍ଗରେ ଥିବା ରେକର୍ଡକୁ ଅତିକ୍ରମ କରିବାରେ ସଫଳ ହୋଇଛନ୍ତି।

## ମହିଳା ବିଭାଗରେ ୩ ସ୍ୱର୍ଣ୍ଣ ଜିଣିଲେ ମୋନାଲି ସ୍ୱାଇଁ




ସେହିପରି କେନ୍ଦ୍ରାପଡ଼ାର ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ଗ୍ରାମର ବଳରାମ ସ୍ୱାଇଁ ପୁରୁଷ ୧୦୦ ମିଟର ପାରା ସନ୍ତରଣ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟ ଲାଭ କରି ଜାତୀୟ କୀର୍ତ୍ତି ସ୍ଥାପନ କରିଛନ୍ତି। ଏହି ଦୁଇ ପାରା କ୍ରୀଡ଼ାବିତ୍‌ଙ୍କ ସଫଳତାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଭିନ୍ନକ୍ଷମମାନଙ୍କ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ "ପୁନର୍ବାସ" ଅନୁଷ୍ଠାନର ପ୍ରତିଷ୍ଠାତା ଓ ମୁଖ୍ୟ ଉପଦେଷ୍ଟା ଏବଂ କାର୍ଯ୍ୟନିର୍ବାହୀ ପରିଷଦର କର୍ମକର୍ତ୍ତା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏଠାରେ ପ୍ରକାଶଯୋଗ୍ୟ ଯେ ଦୀର୍ଘ ଏକବର୍ଷରୁ ଊର୍ଦ୍ଧ୍ୱକାଳ ପୁନର୍ବାସ ଅନୁଷ୍ଠାନ ଏହି ଦୁଇ ପାରାକ୍ରୀଡ଼ାବିତ୍‌ଙ୍କ ଦକ୍ଷତା ବିକାଶ ଦିଗରେ ଆର୍ଥିକ ପ୍ରୋତ୍ସାହନ ଓ ସହାୟତା ସହିତ ବିଭିନ୍ନ ଅବସରରେ ଉତ୍ସାହିତ କରି ଆସିଛି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ